visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.251 Bhubaneswar Saturday November 26 2022 | ୨୫ତମ ବର୍ଷ ସଂଖ୍ୟା-୨୫୧ ଭୁବନେଶ୍ୱର, ଶନିବାର, ନଭେମ୍ବର ୨୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## କେନ୍ଦ୍ରରୁ ୫୨୪ କୋଟି ଟଙ୍କାର ଜିଏସଟି କ୍ଷତିପୂରଣ ପାଇଲା ଓଡିଶା

ଭୁବନେଶ୍ୱର,୨୫।୧୧(ପି.ଏନ): ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ତ୍ରୈମାସିକରେ ଜିଏସଟି କ୍ଷତିପୂରଣ ବାବଦରେ ଓଡିଶାକୁ ୫୨୪ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି । ୨୦୨୨ ମସିହା ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ଜିଏସଟି କ୍ଷତିପୂରଣ ବାବଦରେ ଓଡିଶା ସମେତ ବିଭିନ୍ନ ରାଜ୍ୟ ପାଇଁ କେନ୍ଦ୍ର ସରକାର ୧୭ହଜାର କୋଟି ଟଙ୍କା ଜାରି କରିଛନ୍ତି । ଏହି କ୍ଷତିପୂରଣ ରାଶିକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ପାଇଁ ମୋଟ ୧,୧୫,୬୬୨ କୋଟି ଟଙ୍କା ଜିଏସଟି କ୍ଷତିପୂରଣ ଜାରି କରିଥିବା ଜଣାପଡିଛି ।ସୂଚନା ଅନୁସାରେ ମହାରାଷ୍ଟ୍ରକୁ ସର୍ବାଧିକ ୨୦୮୧ କୋଟି, କର୍ଣ୍ଣାଟକକୁ ୧୯୧୫ କୋଟି, ଉତ୍ତରପ୍ରଦେଶକୁ ୧୨୦୨କୋଟି, ଦିଲ୍ଲୀକୁ ୧୨୦୦କୋଟି ଓ ତାମିଲନାଡୁକୁ ୧୧୮୮କୋଟି ଟଙ୍କାର ଜିଏସଟି କ୍ଷତିପୂରଣ ମିଳିଛି । ୨୦୨୨ ଅକ୍ଟୋବର ସୁଦ୍ଧା ମୋଟ ୭୨୧୪୭କୋଟି ଟଙ୍କାର ସେସ୍ ସଂଗ୍ରହ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ବାକି




୪୩୫୧୫ କୋଟି ଟଙ୍କା ନିଜ ପାଣ୍ଠିରୁ ରାଜ୍ୟଗୁଡିକୁ ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାର ଏହି ଅର୍ଥରାଶି ଜାରି କରିବା ସହ ଚଳିତ ଆର୍ଥିକ ବର୍ଷର ମାର୍ଚ୍ଚ ସୁଦ୍ଧା ସଂଗ୍ରହ କରାଯିବାକୁ ଥିବା ଆନୁମାନିକ ସେସର ସମ୍ପୂର୍ଣ୍ଣ ପରିଣାମକୁ ଅଗ୍ରୀମ ଆକାରରେ ରାଜ୍ୟଗୁଡିକୁ କ୍ଷତିପୂରଣ ଭାବେ ଯୋଗାଇ ଦେଇଛନ୍ତି ।ରାଜ୍ୟମାନଙ୍କୁ ସେମାନଙ୍କ ସମ୍ବଳ ପରିଚାଳନାରେ ସହାୟତା ଲାଗି ଏହି ନିଷ୍ପତ୍ତି ନିଆଯାଇଛି । ଯାହାଫଳରେ ରାଜ୍ୟଗୁଡିକ ଚଳିତ ଆର୍ଥିକ ବର୍ଷରେ ନିଜର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ, ବିଶେଷକରି ପୁଞ୍ଜି ବ୍ୟୟ କାର୍ଯ୍ୟକ୍ରମକୁ ସଫଳତା ସହ କାର୍ଯ୍ୟକାରୀ କରିପାରିବେ ।

## ୨୭ରେ ପଦ୍ମପୁରରେ ପ୍ରଚାର କରିବେ କେନ୍ଦ୍ର ରେଳ ଓ କୃଷିମନ୍ତ୍ରୀ

ପଦମପୁର /ଭୁବନେଶ୍ୱର, ୨୫।୧୧(ପି.ଏନ): ପଦମପୁର ଉପନିର୍ବାଚନରେ ବିଜେପି ପାର୍ଥୀ ପ୍ରଦିପ ପୁରୋହିତଙ୍କ ପାଇଁ ପ୍ରଚାର କରିବା ପାଇଁ ଆସନ୍ତା ନଭେମ୍ବର ୨୭ (ରବିବାର)ରେ କେନ୍ଦ୍ରୀୟ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଓ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଆସୁଛନ୍ତି । ସେମାନେ ନଭେମ୍ବର ୨୭ ତାରିଖ ଦିନ ସକାଳ ୧୧ଟାରେ ସେମାନଙ୍କର ନିର୍ବାଚନ ସଭା କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବିଜେପିର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ।ସେହିଭଳି ଆସନ୍ତାକାଲଇ ଅର୍ଥାତ୍ ନଭେମ୍ବର ୨୬ ତାରିଖରେ ପଦମପୁର ନିର୍ବାଚନ ମଣ୍ଡଳୀର ଝାରବନ୍ଧ ବ୍ଲକରେ ନିର୍ବାଚନୀ ସଭାରେ ଯୋଗ ଦେବେ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଓ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର । ବୈଜୟନ୍ତ ପଣ୍ଡା ଓ ସମ୍ବିତ ପାତ ଆସନ୍ତା କାଲି ଝାରବନ୍ଧ ବ୍ଲକର ବିଳାସପୁର ଗ୍ରାମ ପଂଚାୟତରେ ସକାଳ ୧୧ଟାରେ ନିର୍ବାଚନୀ ସଭା କରିବେ । ଏହା ପରେ ସମ୍ବିତ ପାତ୍ର କୁମ୍ଭୀର ଓ ଜଗଦଳପୁରରେ ଆଉ ଦୁଇଟି ନିର୍ବାଚନୀ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।ଆଜି ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ସୁରେଶ ପୁଜାରି, ସଂଗିତା ସିଂହଦେଓ, ବସନ୍ତ ପଣ୍ଡା, ଜୁଏଲ ଓରାମ, ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ, ମନମୋହନ ସାମଲ ଆଦି ପ୍ରଚାର କରିଥିଲେ ।

## ରାଗିଂ ପାଇଁ ୮୨ ଛାତ୍ରଙ୍କୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା

କେନ୍ଦୁଝର,୨୫।୧୧(ପି.ଏନ): ରାଗିଂ ଅଭିଯୋଗ ପାଇଁ ୮୨ ଜଣ ଛାତ୍ରଙ୍କୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଏଥିସହ ଲାଇବ୍ରେରୀରୁ ବହି ନନେବାକୁ ଓଡ଼ିଶା ସ୍କୁଲ୍ ଅଫ୍ ମାଇନିଂ ଇଞ୍ଜିନିୟରିଂ( ଓଏସ୍ଏମ୍ଇ) କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ଏପରି ଅଭିଯୋଗ କେନ୍ଦୁଝର ଜିଲ୍ଲାରୁ ଆସିଛି ।ଓଡ଼ିଶା ସ୍କୁଲ୍ ଆଫ୍ ମାଇନିଂ ଇଞ୍ଜିନିୟରିଂର ଖଣ୍ଡାଧାର ଛାତ୍ରାବାସରେ କେତେକ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ତୃତୀୟ ବର୍ଷର ଛାତ୍ରମାନେ ରାଗିଂ କରୁଥିଲେ । ଏନେଇ ଅଭିଯୋଗ ହେବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତଦନ୍ତ କମିଟି ଦ୍ୱାରା ଘଟଣାର ଅନୁଧ୍ୟାନ କରିଥିଲେ । ଏହାର ସତ୍ୟାସତ୍ୟ ଜଣାପଡିବା ପରେ ତୃତୀୟ ବର୍ଷର ୮୨




ଜଣ ଛାତ୍ରଙ୍କୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଏଥିସହ ପଞ୍ଚମ ଓ ଫାଇନାଲ୍ ସେମିଷ୍ଟାର୍ ପାଇଁ ସେମାନଙ୍କୁ କୌଣସି ବହି ନଦେବାକୁ କଲେଜ ଲାଇବ୍ରେରୀକୁ ନିର୍ଦ୍ଦେଶ ଦିଆଯାଇଛି । ଛାତ୍ରମାନେ ପୁନର୍ବାର ଏଭଳି ଆଚରଣ କରିବେ ନାହିଁ ବୋଲି ଲିଖିତ ଭାବେ କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି । ଏଭଳି ଆଚରଣ କଲେ, ଛାତ୍ରମାନଙ୍କୁ ବିଦ୍ୟାଳୟରୁ ବାହାର କରିଦିଆଯିବ ବୋଲି କଲେଜ କର୍ତ୍ତୃପକ୍ଷ କହିଛନ୍ତି ।

## ବଲାଙ୍ଗିର ଟାଉନ୍ ପୁଲିସ ଦ୍ୱାରା ୪୪ ଦାଦନ ଉଦ୍ଧାର କରି ଘରକୁ ପଠାଇଲା : ସର୍ଦ୍ଦାର କୁ ଖୋଜୁଛି

ବଲାଙ୍ଗିର, ୨୫।୧୧(ପି.ଏନ): ବଲାଙ୍ଗିର ଟାଉନ ଥାନାର ଉଦ୍ଧାର ହୋଇଥିବା ୪୪ ଜଣ ଦାଦନ ଙ୍କୁ ସେମାନଙ୍କ ଘରକୁ ପଠାଇ ଦେଇଥିବା ବେଳେ ବଲାଙ୍ଗିର ପୋଲିସ ଏହାଙ୍କୁ ପଠାଉଥିବା ବେଲପଡ଼ା ର ଦାଦନ ସର୍ଦ୍ଦାର କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଛି । ଆଜି ଏକ ଘରୋଇ ବସ୍ ଯୋଗେ ହାଇଦ୍ରାବାଦ ଚାଲାଣ ବେଳେ ୪୪ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା ବଲାଙ୍ଗିର ଟାଉନ୍ ଥାନା ପୋଲିସ । ଉଦ୍ଧାର ଦାଦନ ଶ୍ରମିକଙ୍କ ମଧ୍ୟରେ ୧୪ ଜଣ ନାବାଳକ ରହିଛନ୍ତି । ଉଦ୍ଧାର ଶ୍ରମିକ ମାନେ ବେଲପଡ଼ା ରେଙ୍ଗାଲୀ ଗ୍ରାମର ବୋଲି ଜଣାପଡିଛି ।ଆଜି ସକାଳ ପ୍ରାୟ ୭ଟା ସମୟରେ ପାଟଣାଗଡ଼ ରାସ୍ତାରେ ଆସୁଥିବା ଏହି ବସ୍ ଟିକୁ ଟାଉନ୍ ଥାନା ପୋଲିସ କଚେରୀ ଛକ ଠାରେ ଅଟକାଇ ଯାଂଚ୍ କରିବା ବେଳେ ଏହି ଘଟଣା ସାମ୍ନାକୁ ଆସିଥିଲା । ଏସଆଇ କିରଣ କୁମାର ଜାନିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ଚଢ଼ଉ କରିଥିଲା । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୨୩ ତାରିଖରେ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ପୋଲିସ ବେଆଇନ ଭାବେ ଚାଲାଣ ହେଉଥିବା ୨୫ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଘଟଣାରେ ନୂଆପଡ଼ା ଜିଲ୍ଲା ସିନାପାଲିର ଦାଦନ ସର୍ଦ୍ଦାର ଚକ୍ର ବାଗକୁ ଗିରଫ କରିଥିଲା । ତା' ବିରୁଦ୍ଧରେ ଏକ ମାମଲା ରୁଜୁ କରିଥିଲା ।

## ୨୨ବର୍ଷର ବିଜେଡି ଶାସନରେ ଚାଷୀ ଆତ୍ମହତ୍ୟା ଓ ଚାଷୀ ଅନାହାର ଆଜି ଶୀର୍ଷରେ ପଂହଚିଛି: ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୨୫।୧୧(ପି.ଏନ): ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି କାରଣରୁ ହନ୍ତସନ୍ତ ହେବା ସହିତ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଉଛନ୍ତି । ୨୨ବର୍ଷର ବିଜେଡି ଶାସନରେ ଚାଷୀ ଆତ୍ମହତ୍ୟା ଓ ଚାଷୀ ଅନାହାର ଆଜି ଶୀର୍ଷରେ ପଂହଚିଛି । ନ୍ୟାର୍ଯ୍ୟ ହକ୍ ପାଇଁ ଚାଷୀମାନେ ଆଜି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସତ୍ୱେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁ ନାହିଁ କି କୌଣସି ତତ୍ପରତା ଦେଖାଉ ନାହାନ୍ତି । ବରଂ ମିଛ ପ୍ରତିଶୃତି ଦେଇ ସରଳ ଚାଷୀଙ୍କୁ ବାରମ୍ବାର ପ୍ରତାରିତ କରୁଛନ୍ତି ରାଜ୍ୟ ସରକାର । ଚାଷୀଙ୍କ ପାଇଁ କେନ୍ଦ୍ର ସରକାର ପଠାଉଥିବା ସାର, ବିହନ ଆଦିକୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ କଳାବଜାରୀ କରାଯାଉଛି । ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷିକଲ୍ୟାଣ ଯୋଜନାର ସୁଫଳରୁ ଜାଣିଶୁଣି ବଂଚିତ ରଖୁଛନ୍ତି । କିନ୍ତୁ ବିଜୁ ଜନତା ଦଳର ମନ୍ତ୍ରୀ, ବିଧାୟକ ଓ ନେତାମାନେ ଚାଷୀଙ୍କ ମୃତ୍ୟୁକୁ ତାଚ୍ଛଲ୍ୟ କରିବା ସହ ବିଜେପି ଚାଷୀଙ୍କୁ "ଅମର ଲଡୁ ଦିଅ" ବୋଲି କହି ତାସ୍ଥଲ୍ୟ କରୁଛନ୍ତି । ନିଜକୁ ଚାଷୀଙ୍କ ଦରଦୀ ବୋଲି କହୁଥିବା ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାରେ ଘୋଷଣା କରିଥିବା ୧୦ ହଜାର ଟଙ୍କା ନଦେଇ ମାତ୍ର ୪ ହଜାର ଟଙ୍କା ଦେଉଛନ୍ତି । କାଳିଆ ଯୋଜନାରେ ଚାଷୀ ନୁହଁ ବରଂ ବିଜେଡି ନେତାମାନେ ଲାଭବାନ ହେଉଛନ୍ତି । ଦୀର୍ଘ ୨୨ବର୍ଷ ଶାସନରେ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଗୋଟିଏ ହେଲେ ପକ୍କା ଯୋଜନା କରିବାରେ ବିଫଳ ହୋଇଥିବା ରାଜ୍ୟ ସରକାର, ଏପରିକି ଗୋଟିଏ ହେଲେ ନୂତନ ଶୀତଳ ଭଣ୍ଡାର ମଧ୍ୟ ଖୋଲିନାହାନ୍ତି । ବେପାରୀ-ମିଲର-ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକା ଏବଂ ଚାଷୀମାରଣ ନୀତି କାରଣରୁ ଚାଷୀର ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଥିବାବେଳେ ନିଜ ଦୋଷକୁ କେନ୍ଦ୍ର ସରକାରଙ୍କ ଉପରେ ଲଦି ଦେବା ଅତ୍ୟନ୍ତ ନିନ୍ଦନୀୟ । କୃଷି ଓ କୃଷକଙ୍କୁ ନ୍ୟାୟ ଦାବୀରେ ବିଧାନସଭା ସମ୍ମୁଖ ଲୋୟର ପିଏମଜିଠାରେ ବିଜେପି ତରଫରୁ ଗତ ୮ ଦିନ ହେଲାଣି ସତ୍ୟାଗ୍ରହ କରାଯାଉଛି । ଯଥାଶୀଘ୍ର ଅନ୍ନଦାତାଙ୍କ ହକ୍ ରାଜ୍ୟ ସରକାର ଦିଅନ୍ତୁ ନହେଲେ ବିଜେପି ସାରା ବ୍ଲକରେ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଆଜି ସତ୍ୟାଗ୍ରହ ସ୍ଥଳୀରୁ ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରତାପ ଷଡଙ୍ଗୀ କହିଛନ୍ତି ।ବିଧାନସଭାରୁ ଚାଲି ଚାଲି ସିଧାସଳଖ ସତ୍ୟାଗ୍ରହ ସ୍ଥଳୀକୁ ବିଜେପି ବିଧାୟକମାନେ ପହଂଚି ଆନ୍ଦୋଳନକାରୀଙ୍କ ସହ ଯୋଗ ଦେଇଥିଲେ । ଚାଷୀଙ୍କ ସ୍ୱାର୍ଥ ଆମ ପାଇଁ ପ୍ରାଥମିକତା ଏବଂ ମୋଦି ସରକାର ଏଥି ପାଇଁ ପ୍ରତିଶୃତିବଦ୍ଧ । କୌଣସି ପରିସ୍ଥିତିରେ ଚାଷୀଙ୍କ ପ୍ରତି ଅବହେଳାକୁ ପଶ୍ରୟ ଦିଆଯିବନାହିଁ । ବିଧାନସଭାରେ ଆମେ ଚାଷୀଙ୍କ ସ୍ୱରକୁ ଉତୋଳନ କରିବୁ ଏବଂ ଆପଣମାନେ ବିଧାନସଭା ବାହାରେ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରୀ ରଖିବାକୁ ସତ୍ୟାଗ୍ରହରେ ଯୋଗ ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତାଙ୍କୁ ଆହ୍ୱାନ କରିଛନ୍ତି । ଏହି ଅବସରରେ ବିଧାୟକ ଭାସ୍କର ମଢେଇ, ସୁକାନ୍ତ ନାୟକ, ଡ.ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ଜୟନ୍ତ ଷଡଙ୍ଗୀ, ନବଚରଣ ମାଝୀ ଏବଂ ସନାତନ ବିଜୁଳି ପ୍ରମୁଖ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରିଥିଲେ ।ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ସତ୍ୟାଗ୍ରହରେ ଯୋଗ ଦେଇ କୃଷି ଓ କୃଷକ ବିରୋଧୀ ବିଜୁ ଜନତା ଦଳକୁ ସମାଲୋଚନା କରିବା ସହିତ ରାଜ୍ୟର ଚାଷୀ ଭାଇ ଓ ଭଉଣୀଙ୍କୁ ଆଉ ପ୍ରତାରଣାର ଶିକାର ନହେବାକୁ କହିଥିଲେ ।

## ଆସନ୍ତାକାଲି ଓଡିଶା ନିର୍ମାଣ କନକ୍ଲେଭରେ ଯୋଗଦେବେ କେନ୍ଦ୍ର ରେଳମନ୍ତ୍ରୀ

ଭୁବନେଶ୍ୱର,୨୫।୧୧(ପି.ଏନ): କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ୨୬ ନଭେମ୍ବର, ୨୦୨୨ ରେ ଓଡ଼ିଶା ଗସ୍ତ କରୁଛନ୍ତି । ଏହି ପରିଦର୍ଶନ ସମୟରେ ଶ୍ରୀ ବୈଷ୍ଣବ ଓଡିଶା ନିର୍ମାଣ କନକ୍ଲେଭ-୨୨ ରେ ଯୋଗଦାନ କରିବେ ।

## ନିହତ ଦୁଇ ମହିଳା ମାଓବାଦୀ ଛତିଶଗଡ କ୍ୟାଡ଼ରର, ତାଙ୍କ ନାମରେ ଚାରି ଲକ୍ଷ ଟଙ୍କାର ପୁରସ୍କାର ଥିଲା : ପୋଲିସ ଆଇଜି

ବଲାଙ୍ଗୀର, ୨୫।୧୧(ପି.ଏନ): ବଲାଙ୍ଗୀର-ବରଗଡ ଜିଲା ସୀମା ଗନ୍ଧମାର୍ଦନ ପାହାଡ଼ରେ ଗୁରୁବାର ମାଓବାଦୀ - ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ୨ ଜଣ ମହିଳା ମାଓବାଦୀ ନିହତ ହୋଇଥିଲେ । ଏହି ଘଟଣା ପରେ ସ୍ଥିତି ଅନୁଧ୍ୟାନ କରିବାକୁ ଏକ ଉଚ୍ଚସ୍ତରୀୟ ପୋଲିସ ଅଧିକାରୀ ଟିମ୍ ବଲାଙ୍ଗୀର ଗସ୍ତରେ ଆସିଛନ୍ତି । ସେମାନଙ୍କ ମଧ୍ୟରେ ଆଇଜି ଅପରେଶନ ଅମିତାଭ ଠାକୁର, ଏଡିଜି ସିଆର୍ପିଏଫ୍ ଭିଟୁଲ କୁମାର, ଡାଇରେକ୍ଟର ଇଂଟେଲିଜେନ୍ସ ସଞ୍ଜୀବ ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ସ୍ୱତନ୍ତ୍ର ଗୁଇନ୍ଦା ଆର୍ ସୁବର୍ଣ୍ଣ, ଅଶ୍ୱିନୀ ସିଂ ଡିଆଇଜି ସ୍ୱତନ୍ତ୍ର ଗୁଇନ୍ଦା, ଆଇଜି ସିଆରପିଏଫ୍ ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଅଛନ୍ତି ।

## ବାଲିଆ ବାଣ ଦୁର୍ଘଟଣା: ୧୧ ଜଣ ଆଇସିୟୁରେ, ୩ ଗିରଫ

କଟକ/କେନ୍ଦ୍ରାପଡା, ୨୫।୧୧(ପି.ଏନ): କେନ୍ଦ୍ରାପଡା ବାଲିଆ ବାଣ ଦୁର୍ଘଟଣାରେ କଟକ ଏସ୍ ?ସିବି ଆଇସିୟୁରେ ଭର୍ତ୍ତି ଗୁରୁତର ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଏନେଇ ଆଜି ଏସ୍ ?ସିବି ଜରୁରୀ କାଳୀନ ଅଧିକାରୀ ସୂଚନା ଦେଇଛନ୍ତି । ଏସ୍ ?ସିବିରେ ମୋଟ ୩୪ ଜଣ ଚିକିତ୍ସିତ ହେଉଥିବା ବେଳେ ସେଥିମଧ୍ୟରୁ ୧୧ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ୫ ଜଣ ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଥିବା ବେଳେ ୩ ଜଣ ଲେଖାଏଁ ସେଣ୍ଟ୍ରାଲ ୟୁନିଟ୍ ? ଆଇସିୟୁ ଓ ଜେନେରାଲ ୟୁନିଟ୍ ଆଇସିସିୟୁରେ ଅଛନ୍ତି । ସ୍ୱତନ୍ତ୍ର ଡାକ୍ତରୀ ଦଳ ସେମାନଙ୍କ ଚିକିତ୍ସା କରୁଛନ୍ତି ।ସେପଟେ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି କେନ୍ଦ୍ରାପଡା ସଦର ଥାନା ପୁଲିସ । ସେମାନେ ହେଲେ ସ୍ଥାନୀୟ ବାଲିଆ ଅଞ୍ଚଳର ବୁଲୁ ମଲିକ୍, ଅରକ୍ଷୀତ ମଲିକ ଓ ଚିଲୁ ଦାସ । ସେମାନଙ୍କ ବିରୁଦ୍ଧରେ ଓଡିଆ ଧାରା ୨୮୬, ୩୩୭, ୩୩୮, ୧୦୯, fire work and loud speake act



5 ଏବଂ explosives act ୩ ଓ ୫ ରେ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତ ମାନେ ଭିନ୍ନଭିନ୍ନ ପୂଜା କମିଟିର ସଦସ୍ୟ ବୋଲି ଜଣାପଡିଛି । ସେମାନଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ?କୁ ପଠାଇ ଦିଆଯାଇଛି ।ଅନ୍ୟପଟେ ଏହି ଘଟଣାରେ ୨ ବାଣୁଆଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କ ନାମରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣାରେ ସମ୍ପୃକ୍ତ ୨ ବାଣୁଆଙ୍କ ମଧ୍ୟରୁ ଜଣେ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ବେଳେ ଅନ୍ୟଜଣେ ବାଣୁଆ ଫେରାର୍ ଥିବା ପୁଲିସ ସୂଚନା ଦେଇଛି । ସେହିପରି ପୁଲିସ ଏହି ମାମଲାର ତଦନ୍ତ ବେଳେ ୮ ଜଣଙ୍କୁ ପଚରାଉଚରା କରି ଛାଡ଼ି ଦେଇଛି ।ଘଟଣାର ତଦନ୍ତ ଚାଲିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି ।

## ୧୫ ହଜାର ଟଙ୍କା ଲାଂଚ ନେଇ ଧରାପଡିଲେ ଜହ୍ନପଙ୍କ ଫାଣ୍ଡି ଅଧିକାରୀ

ବୌଦ୍ଧ, ୨୫।୧୧(ପି.ଏନ): ୧୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଜହ୍ନପଙ୍କ ଫାଣ୍ଡି ଅଧିକାରୀ ଏଏସଆଇ ମଦନ ମୋହନ ପ୍ରଧାନ । ପୂର୍ବ କେସ କୁ ଚାପି ଦେବାପାଇଁ ସେ ଜଣେ ବ୍ୟବସାୟୀଙ୍କ ଠାରୁ ଏହି ଟଙ୍କା ଲାଂଚ ନେଉଥିଲେ । ବ୍ରହ୍ମପୁର, ଫୁଲବାଣୀ ଏବଂ ବୌଦ୍ଧ ଭିଜିଲାନ୍ସ ଟିମ୍ ମିଳିତ ଚଢ଼ଉ କରି ତାଙ୍କୁ ଗିରଫ କରିଛି । ଭିଜିଲାନ୍ସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ଚାଷୀଙ୍କ ପାଇଁ ଏକଜୁଟ: ଗୃହ ବାରମ୍ବାର ମୁଲତବୀ, ସର୍ବଦଳୀୟ ବୈଠକ ବିଫଳ

ଭୁବନେଶ୍ୱର,୨୫।୧୧(ପି.ଏନ): ଚାଷୀଙ୍କ ସମସ୍ୟାକୁ ନେଇ ଆଜି ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହ ବାରମ୍ବାର ମୁଲତବୀ ହୋଇଛି । ହଟ୍ଟଗୋଳ ଯୋଗୁ ବାରମ୍ବାର ମୁଲତବୀ ମଧ୍ୟରେ ଗୃହରେ କୌଣସି କାର୍ଯ୍ୟ ସମ୍ଭବପର ହୋଇପାରିନି ଓ ଗୃହ ମାତ୍ର ୧୨ ମିନିଟ୍ ଚାଲିଥିଲା । ଅଚଳାବସ୍ଥା ଏଡାଇବା ପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଆଜି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ବିଫଳ ହୋଇଛି ।ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ଚାଷୀ ସମସ୍ୟା ପ୍ରସଙ୍ଗକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଚାଷୀ ସମସ୍ୟା ପାଇଁ ପରସ୍ପରକୁ ଦାୟୀ କରି ସ୍ଲୋଗାନମାନ ଦେବା ଯୋଗୁ ବାଚସ୍ପତି ଗୃହକୁ ପ୍ରଥମେ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା



କରିଥିଲେ । ତେବେ ସାଢ଼େ ୧୧ଟାରେ ସମାନ ସ୍ଥିତି ଜାରି ରହିବାରୁ ବାଚସ୍ପତି ପୁଣିଥରେ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଫସଲବୀମା ଯୋଜନାରେ ଅବହେଳା,ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ସାରର ଅଭାବ, ଏଫସିଆଇ ଚାଉଳରେ ପାତରଅନ୍ତର ଆଦି ଦାବିରେ କେନ୍ଦ୍ର ସରକାରଙ୍କୁ ଦାୟୀ କରି ବିଜେଡି ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବା ପରେ ବିଧାନସଭା ପରିସରରେ ଥିବା ଗାନ୍ଧି ମୂର୍ତ୍ତି ତଳେ ଧାରଣା ଦେଇଥିଲେ । ପରେ ବିଜେଡି ବିଧାୟକମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇଥିଲେ ।ସେହିପରି ବିଜେପି ସଦସ୍ୟମାନେ ଚାଷୀଙ୍କୁ ଇନପୁଟ ସବସିଡି ଦେବାରେ ବିଳମ୍ବ, ମଣ୍ଡି ଅବ୍ୟବସ୍ଥା, ଫସଲ ବୀମା ଯୋଜନାରେ ତ୍ରୁଟି ଯୋଗୁ ଚାଷୀ ହଇରାଣ ହେବା ନିମନ୍ତେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ । ବିଜେପି ସଦସ୍ୟମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ବିରୁଦ୍ଧରେ ଫେରାଦ ହୋଇଛନ୍ତି ।ସେହିପରି କଂଗ୍ରେସ ସଦସ୍ୟମାନେ ଇନପୁଟ ସବସିଡିରେ ବିଳମ୍ବ ଓ ମଣ୍ଡି ଅବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାବେଳେ ଫସଲବୀମା ମିଳିବାରେ ବିଳମ୍ବ ପାଇଁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ଅର୍ଚ୍ଚନା ନାଗ ପେଡି ଖୋଲିଯିବା ଭୟରେ ଶାସକ ବିଜେଡି ସଦସ୍ୟମାନେ ଗୃହରେ ଏଭଳି ହଟ୍ଟଗୋଳ କରୁଛନ୍ତି ବୋଲି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି ।କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଆଜି ବିଧାନସଭାରେ ୪ଟି ଦଳ କଂଗ୍ରେସ, ବିଜେଡି, ବିଜେପି ଓ ସିପିଆଇର ପ୍ରତିନିଧିମାନେ ଚାଷୀଙ୍କ ସମସ୍ୟା ପାଇଁ ଏକଜୁଟ ହୋଇଥିଲେ । ଯାହାକି ବିଧାନସଭାରେ ଇତିହାସ ସୃଷ୍ଟି କରିଛି । ସମସ୍ତଙ୍କର ହୃଦୟ ଚାଷୀଙ୍କ ସମସ୍ୟାକୁ ନେଇ କାନ୍ଦୁଛି । ସମସ୍ତେ ଚାଷୀଙ୍କ ସପକ୍ଷରେ ଅଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ସବୁ ଦଳର ନେତାଙ୍କୁ ଡାକି ଚାଷୀ ସମସ୍ୟାର ସମାଧାନ ପାଇଁ ଆଲୋଚନା କରନ୍ତୁ, ଚାଷୀଙ୍କ ଦାବିକୁ ଗ୍ରହଣ କରି ବିଧିବଦ୍ଧ ଭାବେ ଦିନେ ଦୁଇଦିନ ମଧ୍ୟରେ ଆଇନ ତିଆରି କରାଯାଉ ବୋଲି ସେ କହିଛନ୍ତି । ଏପରିକି କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ । ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ସର୍ବଦଳୀୟ ବୈଠକରେ ସବୁ ଆଲୋଚନା ହୋଇପାରିବ । ସମସ୍ତେ ଏକାଠି ବସି ଆଲୋଚନା କରିବା, ଚାଷୀ ଆଉ କାନ୍ଦିବ ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ୧୫ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଜାଲରେ ଏଏସଆଇ

କନ୍ଧମାଳ,୨୫।୧୧(ପି.ଏନ): ଜଣେ ବ୍ୟକ୍ତିଙ୍କର ଏକ ମାମଲାକୁ ଅଧିକ ସୁଦୃଢ କରିବାକୁ,୧୫ ହଜାର ଟଙ୍କା ଲାଂଚ ନେବାବେଳେ,ଟଙ୍କା ସମେତ ଫୁଲବାଣୀ ଭିଜିଲାନ୍ସ ବିଭାଗ ହାବୁଡରେ ପଡିଛନ୍ତି ବୌଦ୍ଧ ଜିଲ୍ଲା ଜହ୍ନାପଙ୍କ ଫାଣ୍ଡିର ଦାୟୀତ୍ୱରେ ଥିବା ଜଣେ ଏଏସଆଇ ମଦନମୋହନ ପ୍ରଧାନ । ଏହି ସୂଚନା ଦେଇଛନ୍ତି ଫୁଲବାଣୀ ଭିଜିଲାନ୍ସ ଡିଏସପି ଅରୁଣ କୁମାର ନାୟକ । ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲାର ବୈଜୟନ୍ତି ଏଗ୍ରୋମେସିନାରି ର ମାଲିକ ସ୍ୱପ୍ନେଶ୍ୱର ଖୁଣ୍ଟିଆ ବୌଦ୍ଧ ଥାନାରେ ଦାୟର କରିଥିବା ଏକ ଓ୍ୱାନ ସିସି ମାମଲା ୩୧୩/୨୨କୁ ଅଧିକ ସୁଦୃଢ ଦଫାରେ,ଦାୟର କରିବାକୁ,ଜହ୍ନାପଙ୍କ ଫାଣ୍ଡି ଏଏସଆଇ ମଦନମୋହନ ପ୍ରଧାନଙ୍କୁ ଅନୁରୋଧ କରିଥିଲେ । ଏଥିପାଇଁ ,ତାଙ୍କଠାରୁ ୧୫ ହଜାର ଟଙ୍କା ଲାଂଚ ଦାବୀ କରିଥିଲେ ଏଏସଆଇ ପ୍ରଧାନ । ଆଜି ସ୍ୱପ୍ନେଶ୍ୱର ସେହି ୧୫ ହଜାର ଟଙ୍କା ଏଏସଆଇ ମଦନମୋହନଙ୍କୁ ନେଇ ଦେଇଥିଲେ । ଯୋଜନା ଅନୁସାରେ ଫୁଲବାଣୀ ଭିଜିଲାନ୍ସ ଡିଏସପି ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ ଚଢାଉ କରି ଏଏସଆଇ ମଦନମୋହନଙ୍କଠାରୁ ସମସ୍ତ ଟଙ୍କା ଜବତ କରିବା ସହିତ ସେହି ଟଙ୍କାରେ ଲାଗିଥିବା ସୋଡିୟମକାର୍ବୋନେଟ୍ ର ରଙ୍ଗ ଏଏସଆଇଙ୍କ ଡାହାଣ ହାତରେ ଲାଗିଥିବା ନେଇ ପରୀକ୍ଷା ପରେ ଜାଣିପାରିଥିଲେ । ଏହାପରେ ଭିଜିଲାନ୍ସ ବିଭାଗ ବୌଦ୍ଧ ଥାନାରେ ଥିବା ୩୧୩/୨୨ ମାମଲାର କେସ୍ ରେକର୍ଡ,ଜବତ ଲାଂଚ ଟଙ୍କା ସମେତ ଏଏସଆଇ ମଦନମୋହନ ପ୍ରଧାନଙ୍କୁ ଗିରଫ କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ନିକଟରେ ହାଜର କରାଇଥିଲେ । ସେଠାରେ ତାଙ୍କର ବେଲ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଭିଜିଲାନ୍ସ ବିଭାଗ ଏହି ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ନେଇ ଡିଏସପିଙ୍କ ସୂତ୍ରରୁ ଜଣାପଡିଛି ।








## ଟି ଟାଇମ୍

### ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଶ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ରାଷ୍ଟ୍ରପତିଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ: ଅତ୍ୟନ୍ତ ନିନ୍ଦନୀୟ



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ବିରୋଧୀ ଦଳର ଏତେ ଅସୂୟା ଭାବ କାହିଁକି ? କ'ଣ କାରଣ ହୋଇଥାଇପାରେ ? ସେ ପ୍ରତିଭା ପାଟିଲଙ୍କ ଭଳି ଶ୍ୱେତାଙ୍ଗୀ ନୁହନ୍ତି ? ଉଚ୍ଚ ଆଭିଜାତ୍ୟ ଓ ସମ୍ଭ୍ରାନ୍ତ ପରିବାରରୁ ଆସିନାହାନ୍ତି ଦ୍ରୌପଦୀ ? ସେ ସବର୍ଣ୍ଣ, ସଂଖ୍ୟାଲଘୁ କିମ୍ବା ଦଳିତ ବର୍ଗର ପ୍ରତିନିଧିତ୍ୱ କରୁନାହାନ୍ତି ? ସେ ଆଦିବାସୀ ବର୍ଗର। ବୋଧହୁଏ ଜଣେ ଆଦିବାସୀ ମହିଳା ଭାରତର ରାଷ୍ଟ୍ରପତି ହୋଇପାରିଛନ୍ତି, ଏହାକୁ ସଂକୀର୍ଣ୍ଣ ମାନସିକତା ଦ୍ୱାରା ନିୟନ୍ତ୍ରିତ ବିରୋଧୀ ଦଳଗୁଡ଼ିକ ଓ ପର୍ଯ୍ୟନ୍ତ ବରଦାସ୍ତ କରିପାରୁନାହାନ୍ତି। ତା' ହୋଇ ନ ଥିଲେ ଏମିତି ଅଶାଳୀନ ଏବଂ ନିକୃଷ୍ଟ ଧରଣର ମନ୍ତବ୍ୟ ଦେଉନଥାନ୍ତେ ଦେଶର ସର୍ବୋଚ୍ଚ ଗାରିମାମୟ ପଦବୀର ଅଧିକାରିଣୀ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କରେ।

ପବିତ୍ର ସଂସଦରେ କଂଗ୍ରେସ ନେତା ଅଧୀରରଞ୍ଜନ ଚୌଧୁରୀ ଦ୍ରୌପଦୀଙ୍କୁ ରାଷ୍ଟ୍ରପତ୍ନୀ ଭାବେ ସମ୍ବୋଧନ କରିଥିଲେ। ସମ୍ପୂର୍ଣ୍ଣ ଇଚ୍ଛାକୃତ ଭାବେ ରାଷ୍ଟ୍ରପତିଙ୍କୁ ଅପମାନିତ କରିବା ଲୋକସଭାରେ କଂଗ୍ରେସର ନେତା ଅଧୀରଙ୍କର ଉଦ୍ଦେଶ୍ୟ ଥିଲା। କିନ୍ତୁ ପ୍ରବଳ ପ୍ରତିରୋଧ ଓ ସମାଲୋଚନାର ଶରବ୍ୟ ହେବାପରେ ରାଷ୍ଟ୍ରପତିଙ୍କୁ ସେ ଲିଖିତ ଭାବେ କ୍ଷମାପ୍ରାର୍ଥନା କରିଥିଲେ। ଏହାପରେ ବିବାଦର ଅନ୍ତ ଘଟିଥିଲା। କିନ୍ତୁ ଏବେ ତୃଣମୂଳ କଂଗ୍ରେସର ଜଣେ ମନ୍ତ୍ରୀ ଅଖିଳ ଗିରି ରାଷ୍ଟ୍ରପତିଙ୍କ ବିରୋଧରେ ଏକ କୁତ୍ସିତ ମନ୍ତବ୍ୟ ଦେଇଛନ୍ତି। ପଶ୍ଚିମବଙ୍ଗରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ସମାଲୋଚନା କରିବାକୁ ଯାଇ ମନ୍ତ୍ରୀ ଗିରି କାହିଁକି ରାଷ୍ଟ୍ରପତିଙ୍କୁ ବିବାଦ ଭିତରକୁ ଟାଣିଲେ ତାହା ବୁଝିହେଉନାହିଁ। ଶୁଭେନ୍ଦୁଙ୍କୁ ମନ୍ତ୍ରୀ ଯେକୌଣସି ଢ଼ଙ୍ଗରେ ସମାଲୋଚନା କଲେ କାହାର କିଛି କହିବାର ନଥିଲା। କିନ୍ତୁ ରାଷ୍ଟ୍ରପତିଙ୍କ ବର୍ଣ୍ଣ ଓ ଚେହେରାକୁ ନେଇ ତୃଣମୂଳ କଂଗ୍ରେସର ଏହି ମନ୍ତ୍ରୀଙ୍କ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଏବଂ ସଂକୀର୍ଣ୍ଣ ମାନସିକତାର ପ୍ରତିଫଳନ। ଚାରିଆଡୁ ସମାଲୋଚନାର ଝଡ଼ ଉଠିବା ପରେ ପ୍ରଥମେ ତାଙ୍କ ଦଳ ମନ୍ତ୍ରୀଙ୍କ ମନ୍ତବ୍ୟରୁ ନିଜକୁ ଦୂରେଇ ନେଇଥିଲା। ପରେ ଅଖିଳ ଗିରିଙ୍କୁ ଦୁଃଖପ୍ରକାଶ କରିବାକୁ ପଡ଼ିଥିଲା। ନିଜକୁ ଅନୁତପ୍ତ ବୋଲି କହିଥିଲେ ସେ। କିନ୍ତୁ ଆଶ୍ଚର୍ଯ୍ୟ ଲାଗୁଛି ମା, ମାଟି ଓ ମାନୁଷର କଥା କହୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାହିଁକି ବରଦାସ୍ତ କରିଛନ୍ତି ମନ୍ତ୍ରୀ ଅଖିଳ ଗିରିଙ୍କୁ? ପ୍ରଥମତଃ ଦ୍ରୌପଦୀ ହେଉଛନ୍ତି ଜଣେ ମା'। ଭାରତୀୟ ନାରୀଶକ୍ତିର ପ୍ରତୀକ। ତାଙ୍କର ବର୍ଣ୍ଣକୁ ନେଇ ମନ୍ତ୍ରୀ ଗିରି ତାଚ୍ଛଲ୍ୟ କରିବା ପରେ କାହିଁକି ମମତା ବାନାର୍ଜୀ ତାଙ୍କୁ ବରଖାସ୍ତ କରିନାହାନ୍ତି ? ରାଷ୍ଟ୍ରପତି ପଦ ରାଜନୀତିରୁ ଉର୍ଦ୍ଧ୍ୱରେ। ଦଳୀୟ ପ୍ରାର୍ଥୀ ଭାବେ କେହି ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢ଼ି ନଥାନ୍ତି। ଅବଶ୍ୟ ରାଜନୈତିକ ଦଳଗୁଡ଼ିକ ସମର୍ଥନ ଜଣାଇଥାନ୍ତି। ଥରେ ରାଷ୍ଟ୍ରପତି ହେବା ପରେ ଦ୍ରୌପଦୀ କେବଳ ଦେଶର ପ୍ରଥମ ନାଗରିକ ନୁହଁନ୍ତି। ସେ ହେଉଛନ୍ତି ୧୩୦ କୋଟି ଭାରତୀୟଙ୍କ ପ୍ରତିନିଧି। ତାଙ୍କୁ ତାଚ୍ଛଲ୍ୟ କରି ତୃଣମୂଳ ରାଷ୍ଟ୍ରପତି ହେଉ କି ତୃଣମୂଳ କଂଗ୍ରେସ ମନ୍ତ୍ରୀ ସାମ୍ବିଧାନିକ ପଦ ମର୍ଯ୍ୟାଦାର ଅବମାନନା କରିଛନ୍ତି। ପ୍ରଥମଥର ପାଇଁ ଜଣେ ସାଧାରଣ ପରିବାରର ଆଦିବାସୀ ମହିଳା ଦେଶର ସର୍ବୋଚ୍ଚ ପଦରେ ଅଭିଷିକ୍ତ ହୋଇଛନ୍ତି। ଏହା ଦେଶର ଗୌରବ ବୃଦ୍ଧି କରିଛି। ଯଥେଷ୍ଟ ପୂର୍ବରୁ ଜଣେ ଆଦିବାସୀ ରାଷ୍ଟ୍ରପତି ପଦ ମଣ୍ଡନ କରିବାର ଥିଲା। ଏହାକୁ ସାମନ୍ତବାଦୀ ଚିନ୍ତାଧାରା ରଖିଥିବା ଦଳ ଓ ନେତାମାନେ ସହିପାରୁନାହାନ୍ତି

ବର୍ଣ୍ଣ ବୈଷମ୍ୟବାଦୀ ମନ୍ତ୍ରୀଙ୍କୁ ମମତା ବରଖାସ୍ତ କରିନପାରନ୍ତି। ନିଜେ ମମତା ସାମ୍ବିଧାନିକ ସଂସ୍ଥା ବିରୋଧରେ ଅନେକ କୁରୁଚିପୂର୍ଣ୍ଣ ମନ୍ତବ୍ୟ ଦେଇସାରିଛନ୍ତି। ସାମ୍ବିଧାନିକ ସଂସ୍ଥାଗୁଡ଼ିକର ମର୍ଯ୍ୟାଦା ହନନ କିଛି ରାଜନୈତିକ ଦଳର ଅଭ୍ୟାସରେ ପରିଣତ ହେଲାଣି। ବୋଧହୁଏ ସେହି ଧାରଣାର ବଶବର୍ତ୍ତୀ ହୋଇ ତୃଣମୂଳ କଂଗ୍ରେସ ମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରିଛନ୍ତି। ଯଥାଶୀଘ୍ର କ୍ଷମାପ୍ରାର୍ଥନା କରିଥିଲେ ତାଙ୍କର ଓ ତାଙ୍କ ଦଳର ମର୍ଯ୍ୟାଦା ବଢ଼ିଥା'ନ୍ତା। ବହୁ ବିଳମ୍ବରେ ଖୋଦ୍ ଟିଏମସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୁଲ ମାଗିଛନ୍ତି ଓ ତାଙ୍କ ମନ୍ତ୍ରୀ ମଧ୍ୟ ଭୁଲ ମାଗିଛନ୍ତି। ତେବେ ଏହା ହେଉଛି ତାଙ୍କର ଗୋଇଠା ମାରି ବିଷ୍ଟୁ ହେବା ନୀତି। ଏଠାରେ ସହୃଦୟ ପାଠକଙ୍କୁ ସୂଚୀତ କରୁଛୁ କି ଯେ ଇଏ ହେଉଛନ୍ତି ସେଇ ମମତା ବାନାର୍ଜୀ ଯିଏ କି ଏନଡିଏର ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବାପରେ ଗଣମାଧ୍ୟମକୁ କହିଥିଲେ ଯେ ଟିଏମସି ଯଦି ଏନଡିଏର ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱ ବିଷୟରେ ଜାଣିଥା'ନ୍ତା, ତାହାହେଲେ ସମର୍ଥନ ପ୍ରଦାନ କରିଥା'ନ୍ତା। ତେଣୁ ରାଜନୀତିରେ ଅଶୋଭନୀୟ ମନ୍ତବ୍ୟ ସମ୍ପୂର୍ଣ୍ଣ ରୂପେ ବର୍ଜନୀୟ। କାରଣ ଭାରତ ହେଉଛି ବିଶ୍ୱର ଅନ୍ୟତମ ଗରିଷ୍ଠ ଓ ଆଦର୍ଶଣୀୟ ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର। ଆଜି ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଭାରତ ସମଗ୍ର ବିଶ୍ୱରେ ନିଜର ଗୌରବ ଓ ଶ୍ରେଷ୍ଠତାକୁ ବଢ଼ାଇବାରେ ସମର୍ଥ ହୋଇଛି।

**—ସୌରଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ଇମେଲ : soura999mohapatra@gmail.com

# ବିବାଦରେ ରାଜ୍ୟପାଳ ପଦବୀ



ଆମ ଦେଶରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ନୂଆ ନୁହେଁ। ସ୍ୱାଧୀନତା ପରଠାରୁ ଏହି ବିବାଦ ଲାଗି ରହିଛି। ରାଜ୍ୟପାଳ କ୍ଷମତାର ଅପବ୍ୟବହାର କରିବା ସହ କେନ୍ଦ୍ରରେ କ୍ଷମତାସୀନ ସରକାରର ସଖି କଣ୍ଢେଇ ତଥା ହାତ ବାରିସି ଭାବେ କାର୍ଯ୍ୟ କରି ଆସୁଛନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଏବେ ତିନି ଦକ୍ଷିଣ ଭାରତୀୟ ରାଜ୍ୟ କେରଳ, ତାମିଲନାଡୁ ଓ ତେଲେଙ୍ଗାନା ଯେଉଁଠି ଅଣ-ବିଜେପି ସରକାର କ୍ଷମତାସୀନ ରହିଛି ଏବଂ ଅଣ-ବିଜେପି ବିରୋଧିଦଳର ଦବଦବା ରହିଛି, ସେଠାରେ ରାଜ୍ୟ ସରକାର-ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି। ବିଶେଷ କରି କେରଳ ରାଜ୍ୟପାଳ ଅରିଫ ମହମ୍ମଦ ଖାନ ଏବଂ କେରଳରେ କ୍ଷମତାସୀନ ବାମପନ୍ଥୀ ସରକାରଙ୍କ ମଧ୍ୟରେ ବିବାଦ ଚରମସୀମାରେ ରହିଛି। ବିବାଦ ଏତେ ଚରମସୀମାରେ ପହଁଚିଛି ଯେ, ରାଜ୍ୟର ଜଣେ ମନ୍ତ୍ରୀଙ୍କୁ ବରଖାସ୍ତ କରିବାକୁ ରାଜ୍ୟପାଳ ଧମକ ଦେଇଛନ୍ତି। ରାଜ୍ୟର ଜଣେ ମନ୍ତ୍ରୀଙ୍କୁ ବରଖାସ୍ତ କରିବା କ୍ଷମତା ରାଜ୍ୟପାଳଙ୍କର ନାହିଁ, କିମ୍ବା ସମ୍ବିଧାନ ତାଙ୍କୁ କ୍ଷମତା ଦେଇନାହିଁ। କେବଳ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶକ୍ରମେ ରାଜ୍ୟପାଳ ଜଣେ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିପାରିବେ। ଖୋଲାଖୋଲି ଭାବେ ସର୍ବସାଧାରଣରେ ମନ୍ତବ୍ୟ ଦେଇ ଖାନ କେବଳ ରାଜ୍ୟପାଳ ପଦବୀର ଗାରିମା କ୍ଷୁର୍ଣ୍ଣ କରିନାହାଁନ୍ତି, ନିଜର ଅହଂକାରକୁ ସର୍ବସାଧାରଣରେ ପ୍ରଦର୍ଶନ କରିଛନ୍ତି ବୋଲି କୁହାଯାଇପାରିବ। ସମ୍ବିଧାନର ୧୬୪ ଧାରା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳ ନିଯୁକ୍ତ କରିଥା'ନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଜ୍ୟପାଳମାନଙ୍କୁ ନିଯୁକ୍ତ କରିଥା'ନ୍ତି। କିନ୍ତୁ ରାଜ୍ୟପାଳଙ୍କ ନିକଟରେ ମନ୍ତ୍ରୀପରିଷଦ ଉତରଦାୟୀ ନୁହେଁ। କେବଳ ବିଧାନସଭା ନିକଟରେ ମନ୍ତ୍ରୀପରିଷଦ ଉତରଦାୟୀ। ତେବେ ରାଜ୍ୟପାଳ ଖାନ ରାଜ୍ୟର ଜଣେ ମନ୍ତ୍ରୀଙ୍କୁ ବରଖାସ୍ତ କରିବା ପାଇଁ ଧମକ ଦେବା ନିଶ୍ଚିତ ଭାବେ ବିସ୍ମୟଜନକ। କେବଳ ଏତିକି ନୁହେଁ, ନିକଟରେ ରାଜ୍ୟପାଳ ଡାକିଥିବା ଏକ ସାମ୍ବାଦିକ ସମ୍ମିଳନୀରୁ ଦୁଇଟି ଚ୍ୟାନେଲଙ୍କୁ ବାହାରିଯିବା ଲାଗି ନିର୍ଦ୍ଦେଶ ଦେବା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରତି ତାଙ୍କର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତିମାନଙ୍କୁ ଇସ୍ତଫା ଦେବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେବାପରେ ବିବାଦ ଘନୀଭୂତ ହୋଇଛି। ଏବେ ରାଜ୍ୟପାଳଙ୍କୁ କୁଳାଧିପତି ପଦବୀରୁ ହଟାଇବା ଲାଗି ବିଧାନସଭାରେ ଏକ ବିଲ୍ ଗୃହୀତ ହୋଇଛି। ଯାହାକି ଏବେ ମଂଜୁରୀ ଅପେକ୍ଷାରେ ରାଜ୍ୟପାଳଙ୍କ ନିକଟରେ ରହିଛି। କେବଳ ଗୋଟିଏ ବିଲ ନୁହେଁ ୨୦ରୁ ଅଧିକ ବିଲ୍ ରାଜ୍ୟପାଳ ଚାପି ରଖିଛନ୍ତି। ବିଲ୍‌ଗୁଡିକୁ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ନପଠାଇ ନିଜ ପାଖରେ ଅଟକାଇ ରଖିଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଏହା ପ୍ରତିବନ୍ଧକ ସାଜିଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ସେହିପରି ତାମିଲନାଡୁ ରାଜ୍ୟପାଳ ଆର.ଏନ. ରବିଙ୍କୁ ତୁରନ୍ତ ଅପସାରଣ କରିନେବା ପାଇଁ ଶାସକ ଡିଏମକେ ଦଳ ଦାବି କରିଛି। ସେ ରାଜ୍ୟପାଳ ପଦବୀ ପାଇଁ ଅଯୋଗ୍ୟ ବୋଲି ଲେଖାଥିବା ଏକ ସ୍ମାରକପତ୍ର କେନ୍ଦ୍ର ସରକାରଙ୍କୁ ଦେବା ଲାଗି ଦଳ ଅଭିଯାନ ଆରମ୍ଭ କରିଛି। ଏହି ସ୍ମାରକପତ୍ରରେ ସ୍ୱାକ୍ଷର କରିବା ପାଇଁ ଡିଏମକେ ରାଜ୍ୟର ସମସ୍ତ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଛି। ରାଜ୍ୟପାଳଙ୍କ ନିକଟରେ ୨୦ଟି ନୂତନ ବିଲ୍ ପଡିରହିଛି। ଏହି ବିଲଗୁଡିକ ମଧ୍ୟରୁ କେତେକ ବିଧାନସଭାରେ ଦୁଇ ଦୁଇ ଥର ଅନୁମୋଦିତ ହୋଇଥିଲେ ମଧ୍ୟ ରାଜ୍ୟପାଳ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଇନାହାଁନ୍ତି। ଏପରିକି ବିଲଗୁଡିକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ନଥିବା ଅଭିଯୋଗ ହୋଇଛି। ଆହୁରି ତେଲେଙ୍ଗନାର ରାଜ୍ୟପାଳ ତାମିଲସାଇ ସୌନ୍ଦରରାଜନଙ୍କ ବିରୁଦ୍ଧରେ ଡିଏମକେ ମଧ୍ୟ ବିଷୋଦ୍‌ଗାର କରିଛି। ତାମିଲନାଡୁ ରାଜନୀତିରେ ସେ ମୁଣ୍ଡ ପୁରାଉଥିବା ଡିଏମକେ ଅଭିଯୋଗ କରିଛି। ସେହିପରି ତେଲେଙ୍ଗାନାରେ କ୍ଷମତାସୀନ ଟିଆରଏସ ସରକାର ଓ ରାଜ୍ୟପାଳ ସୌନ୍ଦର ରାଜନଙ୍କ ମଧ୍ୟରେ ସମ୍ପର୍କ ଭଲନାହିଁ। ଦୀର୍ଘ ମାସ ମାସ ଧରି ରାଜ୍ୟପାଳଙ୍କ ନିକଟରେ ବିଶ୍ୱବିଦ୍ୟାଳୟ ନିଯୁକ୍ତି ବୋର୍ଡ ବିଲ୍ ସହ ୮ଟି ବିଲ୍ ପଡିରହିଥିବା ଅଭିଯୋଗ ହୋଇଛି। ଏହି ବିଲ୍‌ରେ ସ୍ୱାକ୍ଷର ନକରିବାକୁ ନିଯୁକ୍ତ ଆଶାୟୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟପାଳ ଏକ ସମ୍ବିଧାନିକ ପଦବୀ। ମାତ୍ର ଏବେ ଏହା କେନ୍ଦ୍ରରେ କ୍ଷମତାସୀନ ଦଳର ଥଇଥାନ ପଦବୀରେ ପରିଣତ ହୋଇଛି। ଯେଉଁଥିପାଇଁ କି ଅଣବିଜେପି ଦଳର ସରକାରଙ୍କ ସହ ରାଜ୍ୟପାଳମାନେ ଖାପ ଖୁଆଇ ପାରୁନାହାଁନ୍ତି। ଅତୀତରେ ପଶ୍ଚିମବଙ୍ଗ, ପୁଡୁଚେରୀ ଏବଂ ଏବେ ଦିଲ୍ଲୀର ଘଟଣା ଦେଖିଛେ। ପୁଡୁଚେରୀର ଉପ-ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିଲା। ଦିଲ୍ଲୀ ମାମଲା ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ରାଜ୍ୟପାଳ ଏବଂ ସରକାର ବିବାଦରେ ନିରୀହ ଜନସାଧାରଣ ବଳି ପଡିବା ସାର ହେଉଛି। ଯାହାକି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ଆଦୌ ଶୁଭଙ୍କର ନୁହେଁ।

**—ସୌଭାଗ୍ୟରଂଜନ ମହାନ୍ତି (ରାଜା)**
*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# କେନ୍ଦ୍ରାପଡା ଭାରତୀୟ ଜନତା ପାର୍ଟିର ପତ୍ରକାର ସମ୍ମିଳନୀ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳାକୁ ବରଦାସ୍ତ କରାଯିବନି ବୋଲି ଗୋପସ୍ଥିତ କମ ଳ ଭବନରେ ଅନୁଷ୍ଠିତ ପତ୍ରକାର ସମ୍ମିଳନୀରେ ଯୋଗଦେଇ ବିଜେପିର ବରିଷ୍ଠ ନେତାମାନେ କହିଛନ୍ତି। କୃଷକ, କୃଷିକ୍ଷେତ୍ର, କୃଷିର ଉତ୍ପାଦନ, ଯୁବକ ନିଯୁକ୍ତି, ଶ୍ରମିକ-ଶ୍ରମନୀତି, ସ୍ୱାସ୍ଥ୍ୟସେବା ଓ ମହିଳା ସଶକ୍ତିକରଣ ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏପରି ସ୍ଥଳେ କେନ୍ଦ୍ରାପଡା ଜିଲ୍ଲାର ୫ଟି ଯାକ ବିଧାନସଭା କ୍ଷେତ୍ରରେ ବିଧାୟକ ପ୍ରତିନିଧିମାନଙ୍କ ବିଫଳତା, ଅପାରଗତା ଓ ନିଜ ସ୍ୱାର୍ଥ ସର୍ବସ୍ୱ ମାନସିକତା, କଥିତ ବିଜୁ କର୍ମଭୂମୀ - ନବୀନ ବାବୁ ଦାୟୀତ୍ୱ ନେଇଥିବା କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ଜୀବନ, ଜୀବିକା, ସ୍ୱାସ୍ଥ୍ୟ ସମୃଦ୍ଧି ଓ ସାମାଜିକ - ସାଂସ୍କୃତିକ ଭିତ୍ତିଭୂମୀକୁ ଦୟନୀୟ ଭାବେ ବିପର୍ଯ୍ୟସ୍ତ କରିଛି। ଜନହିତରେ ନିର୍ବାଚିତ ପ୍ରତିନିଧିଙ୍କ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଜିଲ୍ଲାର ଜନଜୀବନକୁ ବିକଳାଙ୍ଗ କରିଦେଇଛି। ବିଧାୟକ ଓ ସାଂସଦଙ୍କ ଅପାରଗତାରୁ ଜନତାର ଆସ୍ଥା ସମ୍ମୁଖୀନ ହେବା ପାଇଁ ବିଫଳ 'ବିଜୁ ଜନତା ଦଳ' ବିରୋଧୀଙ୍କ ଡଷ୍ଟବିନରୁ ବିକଳ୍ପ ସାଉଁଟୁଛି ତ ଆଉ କେଉଁଠି ବିଜେଡି ବିଧାୟକମାନେ ନିର୍ବାଚନ ମଣ୍ଡଳୀ କ୍ଷେତ୍ର ପରିବର୍ତ୍ତନ କରିବାର ବକ୍ତବ୍ୟ ଭେଳିକି କଲେଣି। କେନ୍ଦ୍ରାପଡା, ରାଜନଗର ଓ ଆଳି ବିଧାନସଭା କ୍ଷେତ୍ରରେ ନିକଟତମ ବିରୋଧୀ ନେତାଙ୍କୁ ନେଇ ନିଜ ଦଳର ଚିହ୍ନରେ ନିର୍ବାଚନ ପ୍ରସ୍ତୁତି କରି ଖସିଯିବା ପୂର୍ବରୁ ଧରାପଡିଯାଇଛନ୍ତି। କେନ୍ଦ୍ରାପଡିଆଙ୍କ ରାଜନୈତିକ ସମ୍ବଳ ଓ ସଚେତନତା ଏବେ ଜିଲ୍ଲାବାସୀଙ୍କ ପାଇଁ ସବୁଠୁ ବଡ ସଙ୍କଟ ହୋଇ ଉଭା ହୋଇଛି। କେନ୍ଦ୍ରାପଡା ରାଜନୀତିରେ ୧୯୭୧ ମସିହାରୁ ବିଜୁବାବୁଙ୍କୁ ରାଜତିଳକ ପିନ୍ଧାଇ ପ୍ରବାଦପୁରୁଷ ଅଭିହିତ କରି ତାଙ୍କ ପୁଅ ନବୀନବାବୁଙ୍କୁ ନିରନ୍ତର ଶାସନର ସାଢେ ୨୩ବର୍ଷ ଅବଧି ସୁଦ୍ଧା ସର୍ବାଧିକ ପ୍ରତାରିତ ହୋଇଛନ୍ତି ମହାକାଳପଡା, ପାଟକୁରାଠାରୁ ଆରମ୍ଭ କରି ସମଗ୍ର କେନ୍ଦ୍ରାପଡା ଜିଲ୍ଲାବାସୀ। ବାଧ୍ୟତଃ କୃଷି ସର୍ବସ୍ୱ କେନ୍ଦ୍ରାପଡା ଜିଲ୍ଲାର କୃଷିକ୍ଷେତ୍ର ଜଳସେଚନ ଅଭାବ ତ କେଉଁଠି ଜଳ ନିଷ୍କାସନ ହୋଇପାରୁନଥିବାରୁ କୃଷି ଏକପ୍ରକାର ଉଜୁଡି ଯିବା ସ୍ଥିତିରେ। ଜମ୍ବୁ-ମାର୍ଶାଘାଇ, କେନ୍ଦ୍ରାପଡା-ଗଣ୍ଡାକିଆ ଓ ଗୋବରୀ ଏକ୍ସଟେନସନ କେନାଲ ଜଳଶୂନ୍ୟ, ଜଳପୂର୍ଣ୍ଣ, ପୂତିଗନ୍ଧମୟ ଡ୍ରେନରେ ପରିଣତ ହୋଇଛି। ଚେକଡ୍ୟାମ ବିହୀନ ନଦୀଜଳ ପରିଚାଳନାଗତ ତୃଟି କାରଣରୁ ଜିଲ୍ଲାର ଭୂତଳ ମିଠା ଜଳ ସ୍ଥିତି ସମଗ୍ର ରାଜ୍ୟରେ ସବୁଠାରୁ ସଙ୍ଗୀନ। ଉଦ୍‌ଘାଟନ ଦିନରୁ ଭୁଷୁଡି ମାଟି କାମୁଡିଥିବା ଭାଟେଣୀ ସ୍ଲୁଇସ, ଆଖଡାଶାଳୀ ଯନ୍ତ୍ରୀ-ମନ୍ତ୍ରୀ ଦକ୍ଷତାର ବିକଳ ଚିତ୍ର। ଭୂତଳ ଜଳ ଲୁଣି ଓ ଆଇରନ ପ୍ରଭାବରେ ଭୟଙ୍କର ବ୍ୟାଧିପ୍ରବଣ ସ୍ଥିତିରେ। ସାଧାରଣ ଚାଷୀର ଉତ୍ପାଦନ, ବିକ୍ରୟ ଓ ଫସଲ ସଂରକ୍ଷଣରେ ବ୍ୟର୍ଥ ସରକାର ଏବେ ଚାଷୀଙ୍କ ବଡ ଠାକୁର ଶ୍ରୀବଳଦେବଜୀୟୁଙ୍କ ସତ୍ତ୍ୱାଧିକାରର ଚାଷ ଜମି ଉଦ୍ଧାର କରିବା ଦୂରର କଥା ତାଙ୍କ ସାନ୍ତସାହି ଜମିକୁ କେନ୍ଦ୍ରାପଡା ପୌରସଂସ୍ଥାକୁ ଟେକି ଦେଇ ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେବାର ଅହଙ୍କାର ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ 'ତୁଳସୀକ୍ଷେତ୍ର ବିକାଶ' ଘୋଷଣା ଫମ୍ପା ପ୍ରତିଶୃତି ବୋଲି ପ୍ରମାଣିତ ହୋଇଛି। ସ୍ୱାସ୍ଥ୍ୟ ସେବାରେ ବିପର୍ଯ୍ୟସ୍ତ ବିକଳ ସ୍ଥିତି କେନ୍ଦ୍ରାପଡାବାସୀଙ୍କୁ ହତାଶ କରିଛି। ୨୦୨୧ ଜାନୁଆରୀ ୨୪ତାରିଖରେ କେନ୍ଦ୍ରାପଡାରେ ମେଡିକାଲ କଲେଜ ସ୍ଥାପନରେ କେନ୍ଦ୍ର ସରକାରଙ୍କ ସହଯୋଗ ଓ ସମ୍ବଳ ସମ୍ପର୍କରେ ନିର୍ଦ୍ଦିଷ୍ଟ ଘୋଷଣା ସତ୍ତ୍ୱେ ରାଜ୍ୟ ସରକାର ଆଜି ସୁଦ୍ଧା ପ୍ରସ୍ତାବ ଟିଏ ନ ପଠାଇବା ଦୁର୍ଭାଗ୍ୟଜନକ। ଅପରପକ୍ଷରେ ବିନା ଡାକ୍ତର, ବିନା କ୍ୱାଟର ଓ ବିନା ଷ୍ଟାଫରେ କୋଠାଟିଏ ଫଳକ ଲଗାଇ ସାଧାରଣ ଜନତାଙ୍କୁ ଭୂଡାଉଛନ୍ତି ବିଧାୟକ ପ୍ରତିନିଧିଗଣ ଓ ନେତା ମୁଖ୍ୟମନ୍ତ୍ରୀ। ଆସନ୍ତା ଜାନୁଆରୀ ୧୫ ସୁଦ୍ଧା କେନ୍ଦ୍ରାପଡା ମେଡିକାଲ କଲେଜ ସ୍ଥାପନ ପାଇଁ ନୀତିଗତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପ୍ରେରଣ ନକଲେ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ସ୍ୱାର୍ଥରେ ଆଇନ ଅମାନ୍ୟ ସତ୍ୟାଗ୍ରହ ପର୍ଯ୍ୟନ୍ତ ଚରମ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବରିଷ୍ଠ ବିଜେପି ନେତା ଭୁବନମୋହନ ଜେନା କହିଥିଲେ। ସେହିଭଳି ଗ୍ରାମାଞ୍ଚଳ ସ୍କୁଲ ଶିକ୍ଷା, କଲେଜ ଶିକ୍ଷାଦାନ ଭିତ୍ତିଭୂମୀ ବିପର୍ଯ୍ୟସ୍ତ, ବିଧାୟକମାନେ ଶିକ୍ଷା ବିକାଶ କ୍ଷେତ୍ରରେ ଆଖି କାନରେ ଅନ୍ଧପୁଟୁଳି ବାନ୍ଧି ବସିଛନ୍ତି। ଜିଲ୍ଲାରେ କେନ୍ଦ୍ରାପଡା ମହାବିଦ୍ୟାଳୟକୁ କେନ୍ଦ୍ରକରି ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା ଓ ରାଜନଗର ମହାବିଦ୍ୟାଳୟକୁ ଆଞ୍ଚଳିକ କେନ୍ଦ୍ରକରି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅବହେଳା ବିରୋଧରେ ଶୈକ୍ଷିକ ପରିବାର ଯୁବକମାନଙ୍କୁ ନେଇ କ୍ୟାମ୍ପସ ଆନ୍ଦୋଳନ ପାଇଁ କେନ୍ଦ୍ରାପଡା ବିଜେପି ବାଧ୍ୟହେବ। କେନ୍ଦ୍ରାପଡା ଯୁବକର ନିଯୁକ୍ତି ଓ କେନ୍ଦ୍ରାପଡାବାସୀଙ୍କ ଆର୍ଥିକ ସ୍ଥିତି ଉଦବେଗଜନକ ହୋଇଥିବା ବେଳେ ପ୍ରବାସୀ କେନ୍ଦ୍ରାପଡିଆ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନେବା କ୍ଷେତ୍ରରେ ଜନପ୍ରତିନିଧିମାନେ ବ୍ୟର୍ଥ ହୋଇଛନ୍ତି। ଶିଳ୍ପ ସ୍ଥାପନ ସ୍ଲୋଗାନ ନିର୍ବାଚନ ପୂର୍ବରୁ ମନେପଡେ ଶାସକ ଦଳର ମାତ୍ର କାର୍ଯ୍ୟାନୂୟନ ସାତ ସପନ। ଅଳେଇଲୋ ଷ୍ଟିଲ ପ୍ଲାଣ୍ଟ ଠାରୁ ମିତ୍ତଲ -ନିପନ ପ୍ରକଳ୍ପ ସବୁ କେବଳ ଆନ୍ତରିକତାହୀନ ମିଛ ପ୍ରତିଶୃତି। ଏପରିକି ପାଖ ଶିଳ୍ପସମୁହରେ ଜିଲ୍ଲା ସ୍ୱାର୍ଥ ସୁରକ୍ଷା କରିବାରେ ଜନପ୍ରତିନିଧିମାନେ ବିଫଳ। କେନ୍ଦ୍ରାପଡା ଜିଲ୍ଲା ପାଇଁ ଖଣି ଡିଏମଏଫ ଓ ଶିଳ୍ପ ସିଏସଆର ପାଣ୍ଠିରୁ ୫ହଜାର କୋଟି ଟଙ୍କାର ଭିତ୍ତିଭୂମୀ ବିକାଶ ପ୍ରକଳ୍ପ ଡିପିଆର ପ୍ରସ୍ତୁତ କରି ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, କୃଷି ବିକାଶ ଓ ବିକଳ୍ପ ସବୁଜ ଶକ୍ତି ଓ ପରିବେଶ ସୁରକ୍ଷାରେ ପ୍ରଥମେ ସମୟବଦ୍ଧ ବିନିଯୋଗ ହେବା ପାଇଁ ଭାରତୀୟ ଜନତା ପାର୍ଟି ନିର୍ଣ୍ଣୟାତ୍ମକ ସତ୍ୟାଗ୍ରହ କରିବ। କେନ୍ଦ୍ରାପଡାରେ ଲୋକଙ୍କ କାଳ ବିଜୁ ଜନତା ଦଳ ନିର୍ବାଚିତ ପ୍ରତିନିଧି ଓ ସରକାରଙ୍କ ବିରୋଧରେ ଆସନ୍ତା ଡିସେମ୍ବର ମାସ ୭ ତାରିଖରେ ମହାକାଳପଡା ତହସିଲଠାରୁ ସତ୍ୟାଗ୍ରହ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ର ଓ ବ୍ଲକ ମାନଙ୍କରେ ସ୍ଥାନୀୟ ଜନସମସ୍ୟା ସମାଧାନ ପାଇଁ ବିଜେପି ବ୍ୟାପକ ଆନ୍ଦୋଳନ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଅଲେଖ ଜେନା, ଦୁର୍ଯ୍ୟୋଧନ ସାହୁ, ମାନସ ମହାନ୍ତି, ରଶ୍ମୀରଞ୍ଜନ ବେହୁରା, ଗଗନବିହାରୀ ସାହୁ, ପବିତ୍ର ପରିଡା, ରଣଜିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ରିଟାଏର୍ଡ କ୍ଲାସ୍-୧ ଏଲ୍ଆଇସି ଅଫିସର ଆସୋସିଏସନ୍ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର(ପିଏନ୍): ଇତିମଧ୍ୟରେ ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଅଲ୍ ଓଡ଼ିଶା ଏଲ୍.ଆଇ.ସି. ରିଟାଏଡ୍ କ୍ଲାସ୍-୧ ଅଫିସର ଆସୋସିଏସନ୍‌ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ଆସୋସିଏସନ୍‌ର ୧୨ତମ ପ୍ରତିଷ୍ଠା ଦିବସ ମଧ୍ୟ ଏହି ଅବସରରେ ପାଳନ ହୋଇଯାଇଅଛି। ଅଲ୍ ଓଡ଼ିଶାରେ ଥିବା ଏଲ୍.ଆଇ.ସି.ରେ ଥିବା ୪ଟା ଡିଭିଜନ୍ ଯଥା- ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁର ଡିଭିଜନରେ ମଧ୍ୟ ଏହି ଆସୋସିଏସନର ପ୍ରତିଷ୍ଠା ଦିବସ ମଧ୍ୟ ଏକା ସମୟରେ ପାଳନ କରାଯାଇଅଛି। ନୂଆକରି ଗଢ଼ାଯାଇଥିବା ବାଲେଶ୍ୱର ଡିଭିଜନ ମଧ୍ୟ ସମାନ ଏଜେଣ୍ଡାରେ ଏକା ସମୟରେ ମଧ୍ୟ ପ୍ରତିଷ୍ଠା ଦିବସ ମିଟିଂ ଅନୁଷ୍ଠିତ ହୋଇଯାଇଅଛି। ଏହି ସମସ୍ତ ମିଟିଂରେ ଆମ ସାଧାରଣ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆମ ଆସୋସିଏସନ୍ ଏକ ଐତିହାସିକ ପୃଷ୍ଠଭୂମିରେ ୨୦୧୦ ମସିହାରେ ଦିଲ୍ଲୀଠାରେ ଆରମ୍ଭ ହୋଇଥିଲା। ପୂର୍ବତନ ଅଲ୍‌ଇଣ୍ଡିଆ ଜେନେରାଲ୍ ସେକ୍ରେଟାରୀ ମିଷ୍ଟର କୌସିକ୍, ଆଉ ଦୁଇ ପୂର୍ବତନ ସେକ୍ରେଟାରୀ ଆର. ରାଜଗୋପାଳନ ଏବଂ ଓ.ପି. ବଶିଷ୍ଠ ଏହି ସଂଗଠନ ଆରମ୍ଭ କରିଥିଲେ। ପରେ ପରେ ଏହି ସଂଗଠନର ଶାଖାଗୁଡ଼ିକ ବିଭିନ୍ନ ରାଜ୍ୟରେ ପ୍ରସାରିତ ହୋଇଥିଲା। ଆମ ଓଡ଼ିଶା ସଂଗଠନ ଅଲ୍ ଇଣ୍ଡିଆ ଫେଡେରେସନ୍ ସହ ଅନୁବନ୍ଧିତ ହୋଇଅଛି। ଅବସରପ୍ରାପ୍ତ ଲୋକ ମାନଙ୍କୁ ନେଇ ଏହି ସଂଗଠନ ୨୦୧୦ରେ ମାତ୍ର ୩୫ଜଣ ସଦସ୍ୟ ଥିଲେ। ଆଜି ୧୨ ବର୍ଷ ପରେ କେବଳ ଓଡ଼ିଶାରେ ୪୦୦ରୁ ଅଧିକ ମେମ୍ବର ଅଛନ୍ତି। ଓଡ଼ିଶାର ୪ଟି ଡିଭିଜନ୍‌ରେ ଯେତେ ଅବସରପ୍ରାପ୍ତ ଏଲ୍.ଆଇ.ସି. ଅଫିସର ଅଛନ୍ତି, ସମସ୍ତେ ଏକାଠି ହୋଇ ପୂର୍ବଦିନର କଥା ଓ ଏବେର ପେନ୍‌ସନ୍ ବିଷୟରେ ଆଲୋଚନା କରିଥିଲେ ଓ ଯେଉଁମାନେ ଆମକୁ ଛାଡି ଚାଲିଗଲେଣି, ସେମାନଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରି ସଭାକାର୍ଯ୍ୟକୁ ଆରମ୍ଭ କରାଯାଇଥିଲା। ସମସ୍ତେ ପରସ୍ପରକୁ ଯୋଗାଯୋଗ କରି ଏବଂ ଆଜିର ଦିନରେ ଯେଉଁ ଅଫିସରମାନେ କାର୍ଯ୍ୟରତ ଅଛନ୍ତି, ସେମାନଙ୍କ ସହ ମଧ୍ୟ ଯୋଗାଯୋଗ ରଖିବାକୁ ଏହି ଅଧିବେଶନରେ ନିଷ୍ପତ୍ତି ହୋଇଥିଲା ଓ ପେନ୍‌ସନ୍ ବ୍ୟବସ୍ଥାରେ ଥିବା ତାରତମ୍ୟକୁ ନେଇ ସରକାରଙ୍କୁ ଅବଗତ କରାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଜି.ଏନ୍. ପଣ୍ଡା କହିଛନ୍ତି।

# ଆର୍‌ଜିଏଚ୍ ପାଇଁ ୭୦୦ ଶଯ୍ୟା ଓ ଆବଶ୍ୟକୀୟ ଡାକ୍ତର, କର୍ମଚାରୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସର ସ୍ମାରକପତ୍ର ପ୍ରଦାନ



ରାଉରକେଲା (ପିଏନ୍): ରାଉରକେଲା ସରକାର ଡାକ୍ତରଖାନା (ଆରଜିଏଚ୍)ରେ ଅନ୍ୟୁନ ୭୦୦ ଶଯ୍ୟାର ବ୍ୟବସ୍ଥା କରିବା ସହିତ ସେଥିପାଇଁ ଆବଶ୍ୟକୀୟ ଡାକ୍ତର, ବିଶେଷଜ୍ଞ ଓ କର୍ମଚାରୀ ନିଯୁକ୍ତି ଦେବାକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ରାଜ୍ୟ ସରକାରଙ୍କ ଠାରେ ଦାବି କରାଯାଇଛି । ଗତ ୧୮ ତାରିଖରେ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଏହିମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛଁି । ସ୍ମାରକପତ୍ରରେ କୁହାଯାଇଛି ଯେ, ରାଉରକେଲା ସହରର ୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସମେତ ସୁନ୍ଦରଗଡ ଜିଲ୍ଲାର ଗ୍ରାମାଞ୍ଚଳ ଲୋକମାନେ ସ୍ୱାସ୍ଥ୍ୟସେବା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରୁଥିଲେହେଁ ଏହି ଡାକ୍ତରଖାନାର ଯେପରି ବିକାଶ ହେବାକଥା ତାହା ହୋଇପାରି ନାହିଁ । ଗତ ୨୦୧୯ ମସିହା ଅକ୍ଟୋବର ମାସରେ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୧୨୮ରୁ ୪୦୦କୁ ବୃଦ୍ଧି କରିବା ପାଇଁ ସରକାର ଘୋଷଣା କରିଥିଲେହେଁ ତାହା ଏ ପର୍ଯ୍ୟ' କାର୍ଯ୍ୟକାରୀ ହୋଇନାହିଁ । ବର୍ତ୍ତମାନ ପ୍ରାୟ ଡାକ୍ତରଖାନାରେ ୨୭୫ ଶଯ୍ୟାରେ ରୋଗୀମାନେ ଚିକିତ୍ସିତ ହେଉଥିବା ବେଳେ ଶଯ୍ୟା ଅଭାବରୁ ଶହ ଶହ ରୋଗୀ ଚଟାଣରେ ରହି ଚିକିତ୍ସିତ ହେଉଛଁି । ସମ୍ପ୍ରତି ଉକ୍ତ ଡାକ୍ତରଖାନା ପାଇଁ ୭୬ଟି ଡାକ୍ତର ଓ ବିଶେଷଜ୍ଞ ପଦବୀ ମୁରୀ ପାଇଥିଲେହେଁ ସେଥିମଧ୍ୟରୁ ପ୍ରାୟ ୩୫ଟି ପଦବୀ ଖାଲି ପଡିଛି । ଆବଶ୍ୟକୀୟ ଶଯ୍ୟା, ଡାକ୍ତର, ବିଶେଷଜ୍ଞ, ନର୍ସ ଓ ପାରା ମେଡିକାଲ କର୍ମଚାରୀଙ୍କ ଅଭାବ ଯୋଗୁ ରାଉରକେଲା ସ୍ମାର୍ଟସିଟିରେ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛଁି । ତେଣୁ ତୁର' ଡାକ୍ତରଖାନାର ଶଯ୍ୟା ସଂଖ୍ୟା ଅନ୍ୟୁନ ୭୦୦କୁ ବୃଦ୍ଧି କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି । ଏହି ଡାକ୍ତରଖାନାରେ ହୃଦ୍‌ରୋଗ, ସ୍ନାୟୁରୋଗ, କର୍କଟ ରୋଗ, ବୃକ୍କ ରୋଗ, ମାନସିକ ରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇ ଏସବୁ ରୋଗର ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଏତଦ୍‌ବ୍ୟତୀତ ଉକ୍ତ ଡାକ୍ତରଖାନାରେ ସୋନୋଲୋଜିଷ୍ଟ ଓ ରେଡିଓଲୋଜିଷ୍ଟଙ୍କୁ ନିଯୁକ୍ତି ଦେଇ ଆବଶ୍ୟକ କରୁଥିବା ସମସ୍ତ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପରୀକ୍ଷା ସୁବିଧା ଏବଂ ଗୋଟିଏ ଦିନରେ ଏକ୍ସରେ ରିପୋର୍ଟ ଯୋଗାଇ ଦେବାକୁ ଦାବି କରାଯାଇଛି । ଡାକ୍ତରଖାନାର ବର୍ଣ୍ଣ ସେଣ୍ଟରକୁ ସମ୍ପୂର୍ଣ୍ଣ ବାତାନୁକୁଳିତ ଓ ସୁସୁରକ୍ଷିତ କରାଯିବା ସହିତ ଡାକ୍ତରଖାନାରେ ରୋଗୀମାନଙ୍କ ପାଇଁ ଆଇସିୟୁ ସୁବିଧା ଉଲବ୍‌ଧ କରିବାକୁ ଉଲ୍ଲେଖ କରାଯାଇଛି । ଡାକ୍ତରଖାନା ପରିସରରେ ଡାକ୍ତର ଓ କ୍ରମଚାରୀଙ୍କ ପାଇଁ ଆବଶ୍ୟକୀୟ ବାସଗୃହ ନିର୍ମାଣ, ଶବାଗାରର ଉନ୍ନତି କରି ଅଧିକ ଶବ ରଖିବାର ବ୍ୟବସ୍ଥା, ରୋଗୀ ଓ ସେମାନଙ୍କ ସହାୟକଙ୍କ ଠାରୁ ଆପତ୍ତି ଅଭିଯୋଗ ଶୁଣିବା ନିମ' ଆପତ୍ତି ଅଭିଯୋଗ ବାକ୍ସ ପ୍ରତିଷ୍ଠା, ରୋଗୀ ସହାୟକମାନଙ୍କ ପାଇଁ ପରିସ୍ରାଗାର ପ୍ରତିଷ୍ଠା ତଥା ହେଲ୍‌ପ ଡେସ୍କକୁ ଠିକଣା ଭାବେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବାକୁ ଉଲ୍ଲେଖ କରାଯାଇଛି । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଶଯ୍ୟାର ବିଛଣା ଚାଦର ପ୍ରତିଦିନ ପରିବର୍ତ୍ତନ କରିବା, ଏବଂ ୱାର୍ଡ ତଥା ୱାର୍ଡ ସଂଲଗ୍ନ ଶୌଚାଳକୁ ସର୍ବଦା ପରିଷ୍କାର ପରିଛନ୍ନ ରଖିବାରେ ସ୍ମାରକପତ୍ରରେ ଗୁରୁତ୍ୱାରୋପ କରାଯାଇଛି । ଡାକ୍ତରଖାନା କୋଠାବାଡିର ମରାମତି ଓ ଉନ୍ନତିକରଣ ତଥା ପାର୍କ ନିର୍ମାଣ ନାଁରେ କେତେକ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ଦ୍ୱାରା ରାଜନୈତିକ ପୃଷ୍ଠପୋଷକତାରେ ଚାଲିଥିବା ଅର୍ଥ ହରିଲୁଟ୍ ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦାବି କରାଯିବା ସହିତ ଡାକ୍ତରଖାନାର ଜାଗା ଜମିରେ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରେ ଗଢି ଉଠିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସରକାରୀ ଡାକ୍ତରଖାନା ସହିତ ମିଶାଇ ଏକ ଏକ ସରକାରୀ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ଉପରୋକ୍ତ ଦାବିଗୁଡିକ ଉପରେ ଆସ'। ଏକ ମାସ ମଧ୍ୟରେ ସରକାର ସକାରାତ୍ମକ ନିଷ୍ପତ୍ତି ନ ନେଲେ ଜିଲ୍ଲା କଂଗ୍ରେସ ବାଧହୋଇ ଡାକ୍ତରଖାନା ପରିସରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଡାକ୍ତରଖାନା ନିର୍ଦ୍ଦେଶକଙ୍କ ସହ ଆଲୋଚନା ବେଳେ ଏହି ପ୍ରତିନିଧି ମଣ୍ଡଳୀ ପ୍ରକାଶ କରିଛଁି । ଜିଲ୍ଲା କଂଗ୍ରେସର ଅ'ରୀଣ ସଭାପତି ଦେବବ୍ରତ ବିହାରୀଙ୍କ ସମେତ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଓ ପ୍ରଶା' ସେଠୀ, ପିସିସି ସଭ୍ୟ ସବୀର ହୁସେନ, ପ୍ରଭାତୀ ମିଶ୍ର ଓ ତୁଳସୀ ନାଗ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ରାଷ୍ଟ୍ରୀୟ ସଂଯୋଗ କୈଳାସ ସାହୁ, ଓବିସି ଜିଲ୍ଲା ସଭାପତି ବୈଲୋଚନ ସାହୁ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଜିଲ୍ଲା କଂଗ୍ରେସ ଉପସଭାନେତ୍ରୀ ଶୋଭା ସିଂହ, ଜିଲ୍ଲା କଂଗ୍ରେସ ସମ୍ପାଦିକା ପ୍ରତିମା ପାଣିଗ୍ରାହୀ ଓ ଅମ୍ରିତ କୌର, ମହିଳା ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ରେହେମାନ ଖାନ, ଜିତେନ୍ଦ୍ର ଦାସ, ଝୁନୁ ପଟ୍ଟନାୟକ, ସେବାଦଳର ସାରଦା ପ୍ରସନ୍ନ ଦାସ, ବିଶ୍ୱନାଥ ଧଳ, ସାମାଜିକ ଗଣମାଧ୍ୟମର ବିଶ୍ୱଜିତ ସାହୁ, ଯୁବନେତା ସାକିର ହୁସେନ ଓ ବିଶ୍ୱରନ ରାଉତ ପ୍ରମୁଖ ସାମିଲ୍ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ସଡ଼କ ଦୁର୍ଘଟଣାରେ ୨ ମୃତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଏନ୍.ଏଚ୍-୧୬ରେ ହୋଇଥିବା ଦୁଇଟି ଦୁର୍ଘଟଣାରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ କୁମାରୀ ପଂଚାୟତ ଜାମୁବଣିଆ ଗାଁରେ ରହୁଥିବା ପାଟପୁର ପଂଚାୟତ ଚତରପଦା ଗ୍ରାମର ପୁରସ୍ତମ ଦାସ (୭୨) ଓ କୋଲକତାରେ ରହୁଥିବା ଉତରପ୍ରଦେଶ ରାଜ୍ୟର ତରୁଣ କୁମାର ଦୁବେ (୩୪)। ରଥିଆ ଛକ ନିକଟରେ ରାସ୍ତା ପାର ହେଉଥିବା ଅଶୋକ ଲିଲାଣ୍ଡ କମ୍ପାନୀ କର୍ମଚାରୀ ପୁରସ୍ତମଙ୍କୁ ଏକ ଦ୍ରୁତଗାମୀ ବାଇକ୍ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ବିଳମ୍ବିତ ରାତିରେ ପୁରୀରୁ ଫେରୁଥିବା ଏକ ତୀର୍ଥଯାତ୍ରୀ ବସ୍ ନେଉଳପୁର ଛକରେ ଅଟକିଥିଲା । ଏହି ବସ୍‌ରେ ଆସିଥିବା ତରୁଣ ନିକଟରେ ଥିବା ଏକ ହୋଟେଲ୍‌କୁ ଖାଇବାକୁ ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା । ଫଳରେ ତରୁଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ପୁଲିସ୍ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନା ପଠାଇଛି । ଏନେଇ ୨ଟି ମାମଲା ରୁଜୁ କରି ପୁଲିସ୍ ଘଟଣାର ତଦନ୍ତ କରୁଛି ।

## ଚୋରା ମଦ ଜବତ, ୨ ବେପାରୀ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅବକାରୀ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୮ ଲିଟର ଚୋରାମଦ ଜବତ କରିବା ସହିତ ୨ଜଣ ବେପାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ଚଇନିହୁଡ଼ା ଗ୍ରାମର ବାବନ ଚରଣ ନାୟକ ଓ ମଣିନାଥପୁର ଗାଁର ସ୍ନେହଲତା ମଲିକଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଭବାନୀପୁର ପଂଚାୟତ ମଣିନାଥପୁର ଗ୍ରାମରେ ଦୀର୍ଘଦିନ ହେଲା ବେଆଇନ ଭାବେ ଚୋରାମଦ ବେପାର ହୋଇ ଆସୁଥିଲା । ଖବରପାଇ ଅବକାରୀ ଏସ୍ଆଇ ଜୟନ୍ତୀ ଆଚାର୍ଯ୍ୟ ଏଠାରେ ସଦଳବଳେ ଚଢ଼ାଉ କରି ସ୍ନେହଲତାକୁ ଗିରଫ କରିବା ସହିତ ତା' ନିକଟରୁ ୨୫ ଲିଟର ଦେଶୀ ମହୁଲି ମଦ ଜବତ କରିଥିଲେ।। ଏହି ଚଢ଼ଉ ସମୟରେ ସ୍ନେହଲତାଙ୍କ ସ୍ୱାମୀ ଓ ଅନ୍ୟ ସଂପର୍କୀୟ ଚମ୍ପଟ ମାରିଥିଲେ । ସେହିପରି ଚଇନିହୁଡ଼ା ଗ୍ରାମରେ ଚଢ଼ଉ କରି ବାବନ ନିକଟରୁ ୩.୨୪୦ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ୧୧୮ ଓ ୧୧୯/୨୨ରେ ଦୁଇଟି ଅବକାରୀ କେଶ୍ ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ନଭେମ୍ବର ୨୬

# ମନୁଷ୍ୟର ମାନସିକତା



ଥରେ ମୁଁ ଓ ମୋର ଜଣେ ଘନିଷ୍ଠ ବାନ୍ଧବୀ ଜଣେ ସାଧୁ ଦେଉଥିବା ପ୍ରବଚନକୁ ଶୁଣିବାକୁ ଯାଇଥିଲୁ । ପ୍ରଥମ ଦିନ ସାଧୁ କହିଥିଲେ ସାହସିକତା ଓ ଆତ୍ମବିଶ୍ୱାସ ମଣିଷକୁ ବଡ଼ କରି ତୋଳେ କିନ୍ତୁ ଭୟଭ୍ରାନ୍ତି ମଣିଷର ଦୁଇ ଶତ୍ରୁ ଓ ସେମାନେ ମଣିଷର ସଫଳତାରେ ବାଧକ ହୋଇଥାନ୍ତି । ଦ୍ୱିତୀୟ ଦିନ କହିଥିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି ଓ ଭଗବାନଙ୍କ ନିକଟରେ ସମସ୍ତ ସମସ୍ୟା ସମାଧାନର ବାଟ ରହିଛି । ସାହସିକତା, ଆତ୍ମବିଶ୍ୱାସ କିପରି ସଫଳତାର ଚାବିକାଠି ତାହାକୁ ବୁଝାଇବାକୁ ଯାଇ ସେ କଲମ୍ବସ, ଲୁଇସପାଶ୍ଚର, ମିଲଟନ, ବେଥୋଭେନ, ହେଲେନକେଲରଙ୍କର ଉଦାହରଣ ଦେଇଥିଲେ । ସେ କହିଥିଲେ ସିଂହର ଭୟ ନଥାଏ ଓ ଭୟ ଥିବା ଜୀବକୁ ସିଂହ କୁହାଯାଇପାରେନା ।

ମୁଁ ମୋର ବାନ୍ଧବୀକୁ ପଚାରିଲି ଆଜିର ପ୍ରବଚନ କିପରି ଲାଗିଲା । ସେ କହିଲା କହିବା ଓ ଶୁଣିବା ବଡ଼ ସହଜ କିନ୍ତୁ ଦୈନନ୍ଦିନ ଜୀବନରେ ଏହାକୁ ପାଳନ କରିବା ଅତ୍ୟନ୍ତ କଷ୍ଟକର । ତୃତୀୟ ଦିନ ପ୍ରବଚନରେ ସାଧୁ କହିଲେ ମା' ସର୍ବଂସହା, ସତ୍ୟ, ଗର୍ଭଧାରିଣୀ ମମତାମୟୀ । କାଳଚକ୍ରରେ ସେ କନ୍ୟା, ଭଗ୍ନୀ, ପତ୍ନୀ, ବନ୍ଧୁ, ଶାଶୁ ପ୍ରଭୃତି ଭୂମିକାରେ ଅଭିନୟ କରିଥାଏ । ଅମୃତର ଧାରା ଦେଇ ଶିଶୁକୁ ବଢ଼ାଏ ଓ ମା'ର କୋଳ ଶିଶୁପାଇଁ ନିରାପଦର ସ୍ଥାନ । ଘରକୁ ବାସଗୃହରେ ପରିଣତ କରେ, ଦୁଃଖର ଦିନକୁ ସୁଖରେ ପରିଣତ କରେ । ଗଭୀର କ୍ଷତର ଦୁଃଖକୁ ଦୂରକରେ । ଦକ୍ଷତା ଓ ସହିଷ୍ଣୁତା ଦ୍ୱାରା ଦୋଷତୃଟିକୁ ବଦଳାଇ ଦେଇପାରେ । ବିପଦ ସମୟରେ ସେ ସାନ୍ତ୍ୱନାର ଉତ୍ସ ହୋଇଥାଏ । ତା' ପାଖରେ ଥାଏ ଅସୀମ ବିଶ୍ୱାସ, ଦୃଢ଼ତା ଓ ଆସ୍ଥା । ତାର ଲୁହ ମାଧ୍ୟମରେ ସେ ତାର ପିଲାଙ୍କ ପ୍ରତି ପ୍ରେମକୁ ପ୍ରକଟିତ କରିଥାଏ । କିନ୍ତୁ ଆଜିକାଲି ମା' ପାଇଁ ଉତ୍ସର୍ଗୀକୃତ ଦିନଟି ଛଡ଼ା ଅନ୍ୟ ଦିନମାନଙ୍କରେ ପିଲାମାନେ ମା'ଙ୍କୁ ମନେପକାଉନାହାଁନ୍ତି ।

ତା' ପରଦିନ ପ୍ରବଚନ ଶୁଣିବାକୁ ଯିବା ପୂର୍ବରୁ ମୋର ବାନ୍ଧବୀ ମତେ ତାଙ୍କର ଘରର ପୋଖରୀକୂଳକୁ ନେଇଗଲେ । ସେ ପୋଖରୀରେ ବଡ଼ ବଡ଼ ମାଛ ଥାଆନ୍ତି । ବାନ୍ଧବୀ କହିଲା ଯେ ପ୍ରବଚନରୁ ତୁ ଯଦି କିଛି ଶିକ୍ଷା କରିଥାଉ ତେବେ ଭଗବାନଙ୍କ କୃପାରୁ ତାହା ଏଠାରେ ପ୍ରତିଫଳିତ ହେବ । ତାର କଥା ସରିଚି ନା ନାହିଁ ଗୋଟିଏ ବଡ଼ ମାଛ କୂଳ ପାଖକୁ ଆସିଲା ଓ ସେଠାରେ ବୁଲୁଥିବା ଗୋଟଏ ଛୋଟ ମାଛକୁ ଗିଳିଦେଲା । ବାନ୍ଧବୀ କହିଲା ଏପରି ଏକ ଦୃଶ୍ୟକୁ ଦେଖି ଦିନେ ବୁଦ୍ଧଙ୍କ ମନ ତରଳି ଯାଇଥିଲା । ଏହାକୁ ଦେଖି ତୋର ମନରେ ନିରାମିଷାଶୀ ହେବାର ବାସନା ଉଦ୍ରେକ ହେଉଛି କି ? ମୁଁ କହିଲି ନା, କାରଣ ଆମିଷ ଭକ୍ଷଣ କରିବାକୁ ମତେ ଖୁବ ଭଲ ଲାଗୁଥିଲା ।

ଏହାପରେ ଆମେ ପ୍ରବଚନ ଶୁଣିବାକୁ ଗଲୁ । ବାଟରେ ଯାଉଥିବା ସମୟରେ ଗୋଟିଏ ଗାଡ଼ିରେ କୁକୁଡ଼ାମାନେ କୁକୁଡ଼ା ଚାଷ ହେଉଥିବା କେନ୍ଦ୍ରରୁ ଲଦା ହୋଇ ଆସୁଥିଲେ । ଆଉ ଏକ ଗାଡ଼ିରେ ଛେଳି ଓ ଗୋମାତାମାନେ କଂସେଇଖାନାକୁ ବୋଝେଇ ହୋଇ ଆସୁଥିଲେ । ଏହା ଦେଖି ବାନ୍ଧବୀ କହିଲା ଦେଖ ତୋର ଅତି ପ୍ରିୟ ଖାଦ୍ୟମାନେ କିପରି ଲଦା ହୋଇ ଯାଉଛନ୍ତି । ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ସେମାନଙ୍କୁ କଷ୍ଟ ହେଉଥିବ । କହିଲୁ ଦେଖି ଛୁଆ କୁକୁଡାଟି ଆଗରେ ତାର ମା' କୁକୁଡ଼ାକୁ ଯେତେବେଳେ ହତ୍ୟା କରାଯାଉଥିବ ଓ ତାହାକୁ ଲୋକମାନେ ନେଇ ଆନନ୍ଦରେ ଖାଉଥିବେ ଛୁଆ କୁକୁଡ଼ା ମନରେ କ'ଣ ଭାବନା ଚାଲୁଥିବ । ମୁଁ କହିଲି ପଶୁମାନଙ୍କର ଏପରି ଉନ୍ନତ ଭାବନା ନଥାଏ, ନହେଲେ ମା' ଆଗରେ ଶିଶୁର ହତ୍ୟା ଓ ଶିଶୁ ଆଗରେ ମା'ର ହତ୍ୟା ନିଶ୍ଚୟ ବିଭତ୍ସଜନକ ।

ସେଦିନ ସାଧୁ ତାଙ୍କ ପ୍ରବଚନରେ କହିଲେ ଯେ ମାଂସ କଟାଯାଉଥିବା ସ୍ଥାନରେ ଗୋଟିଏ ପରିବାରର ବାପା, ମା ଓ ଛୋଟ ପିଲାମାନେ ଏକାଠି ଠିଆ ହୋଇଥାନ୍ତି । ସେଠାରେ ତାଙ୍କ ପରି ଅନ୍ୟ ପରିବାରର ଲୋକମାନେ ମଧ୍ୟ ଗହଳି କରୁଥାନ୍ତି । ସମସ୍ତେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରୁଥାନ୍ତି, ଯେ କିପରି ଭାବେ ଆଗ ମାଂସ ନେଇ ଘରକୁ ଫେରିବେ । ମାଂସକଟାଳି ଗୋଟିଏ ଛେଳିକୁ ହାଣି ତାର ଗୋଡ ଦୁଇଟିକୁ ଭାଙ୍ଗି ଦଉଡିରେ ଟାଙ୍ଗି ଦେଲା । ତାର ଦେହରୁ ସମସ୍ତ ଚମଡ଼ାକୁ ଛଡ଼ାଉଥିବା ବେଳେ ରକ୍ତ ଟପ ଟପ ହୋଇ ଝରି ପଡୁଥିଲା । ମାଂସ ବିକାଳି କଟା ଯାଇଥିବା ଛେଳି ଉପରେ ପାଣି ପକାଇ ସଫା କରୁଥିବା ସମୟରେ ଅନ୍ୟ ଛେଳିମାନଙ୍କର ବେଦନାକୁ ଗ୍ରାହକମାନେ ଶୁଣିପାରି ନଥିଲେ । ଚାଲିଥିଲା ପ୍ରତିଯୋଗିତା । କିଏ କହୁଥାଏ ମୋର କିଲେ, କିଏ କହୁଥାଏ ମୋର ଅଧକିଲୋ ଏହିପରି । ହଠାତ ଜଣେ ସ୍ତ୍ରୀ ଲୋକ କହିଉଠିଲେ 'ଭାଇ ମତେ କିଛି କଲିଜା ଦେବ', ଆଉ ଜଣେ ସ୍ତ୍ରୀ ଲୋକ କହି ଉଠିଲେ ତୁମେ ଚର୍ବି ନ ଦେଉଥିବାରୁ ମାଂସ ତରକାରି ଭଲ ହେଉନାହିଁ । ଆଉ ଜଣେ ଭଦ୍ର ବ୍ୟକ୍ତି କହିଲେ ମତେ ଫଡ଼ିଆରୁ ଦେବ, ମୋ ପୁଅ ଫଡ଼ିଆ ଖାଇବାକୁ ଭାରି ଭଲପାଏ । ଆଉ ଜଣେ ଭଦ୍ରବ୍ୟକ୍ତି କହୁଥାନ୍ତି ଭାଇ ମତେ ସିହ୍ନା ଦେବ । ମତେ ତ' ହାଡ଼ର ଶସ ଭାରି ଭଲ ଲାଗେ । ସାଧୁ କହିଲେ କହିଲ ଦେଖି ଯେଉଁମାନେ ମାଂସ କିଣିବାକୁ ଆସିଥିଲେ ଓ ଯେଉଁମାନେ ମାଂସ ଭକ୍ଷଣ କରନ୍ତି ସେମାନେ କି ପ୍ରବୃତ୍ତିର ଲୋକ ହୋଇଥିବେ ? ମଣିଷ ନା ଅସୁର ।

ସେ ଦିନର ଏକଥା ଆଜି ପର୍ଯ୍ୟନ୍ତ ମୋର ମନେଅଛି । ଆଜି ପ୍ରବଚନ ନୁହେଁ ବରଂ ଡାକ୍ତରଙ୍କ ପରାମର୍ଶକ୍ରମେ ମୁଁ ଆମିଷ ଭକ୍ଷଣରୁ ବଞ୍ଚିତ ହୋଇଛି । ବିଭିନ୍ନ ରୋଗ ଯୋଗୁଁ ମତେ ଏସବୁଥିରୁ କ୍ଷାନ୍ତ ହେବାକୁ ପଡ଼ିଛି ଓ ମୁଁ ଅନୁଭବ କରିପାରୁଛି ସମସ୍ତ ଜୀବନ୍ତ ଜୀବମାନଙ୍କ ମଧ୍ୟରେ ଭଗବାନ ବିଦ୍ୟମାନ ଓ ପ୍ରତ୍ୟେକ ପ୍ରାଣୀର ଏ ପୃଥିବୀରେ ବଞ୍ଚିରହିବାର ଅଧିକାର ଅଛି । 'ଜୀବେ ଦୟା' ଏହା ଆମର ପ୍ରଧାନ ମନ୍ତ୍ର ହେବା ଦରକାର ।

**ଅନୀତା ପଟ୍ଟନାୟକ**, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ, ଦୂରଭାଷ: ୯୬୯୨୯୮୦୦୨୬

## ଆଜିର ଅନୁଚିନ୍ତା

*ଶରୀର ନଶ୍ୱର ହେଲେ ମଧ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟଜ୍ୟ ନୁହେଁ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଉତ୍କଳୀୟ ସଂସ୍କୃତି ଓ ସାହିତ୍ୟ

•••••••ଡକ୍ଟର ମନୋରଞ୍ଜନ ବିଷୋୟୀ•••••••



ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଂଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ସଂକ୍ଷିପ୍ତରେ କହିଲେ-ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ 'ସଂସ୍କୃତି' କୁହାଯାଏ । ଏହା ସହ ଧାରାବାହିକ ନିତ୍ୟ ଆଚରଣର ପରିମାର୍ଜିତ ପରିଭାଷାକୁ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବନାହିଁ । ପରମ୍ପରା ହେଉଛି ଏକ ପରିବ୍ୟାପ୍ତ ବୈଶିଷ୍ଟ୍ୟର କ୍ଷେତ୍ର । ଏହା ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୁଏନାହିଁ । କଠିନ ଶ୍ରମ ମାଧ୍ୟମରେ ଏହା ଉପଲବ୍ଧ ହୁଏ । ପରମ୍ପରା ଅନ୍ତରାଳରେ ଥାଏ ଐତିହାସିକ ବିଚାରବୋଧ ଯାହାକୁ ବାଦ୍ ଦେବା ସମ୍ଭବପର ନୁହେଁ । ଏହି ଐତିହାସିକ ବିଚାରବୋଧ, ବ୍ୟକ୍ତିକୁ ଦିଏ ଏକ ଉପଲବ୍ଧି ଯାହା ଅତୀତର ଇତିବୃତ୍ତ ହେବା ଅପେକ୍ଷା ଏହାର ସାଂପ୍ରତିକତାକୁ ସୂଚେଇଥାଏ । ଫଳରେ ବ୍ୟକ୍ତି ତାର ସମକାଳର ଅଭିବ୍ୟକ୍ତି ଅପେକ୍ଷା ସର୍ବକାଳୀନ ଅନୁଭୂତିକୁ ଆଧାର କରି କାଳଜୟୀ ରୂପ ପରିଗ୍ରହଣ କରିଥାଏ । ଅଳୀକ ଓ ମହାକାଳର ସମନ୍ୱୟରେ ପରମ୍ପରାର ପ୍ରବକ୍ତା ହୁଏ ବ୍ୟକ୍ତି ।

ସଂସ୍କୃତି ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟର-ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ ସମୟର ଆହ୍ୱାନରେ ଆକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତିପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ିଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ଉଜ୍ଜ୍ୱଳ । ବାସ୍ତବିକ ପରମ୍ପରା ଆଗାମୀକୁ ଅନୁପ୍ରେରିତ କରିଥାଏ । ପରମ୍ପରାର ପୁଞ୍ଜିକୁ ସଂସ୍କୃତି ଧାରଣ କରିଥାଏ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ତେଣୁ ସଂସ୍କୃତି ଶବ୍ଦର ବ୍ୟାଖ୍ୟା କରି କହେ-ସମ୍+କୃ+ତି: ସଭ୍ୟତା, ଶିକ୍ଷା, ଭଦ୍ରତା ଓ ସାମାଜିକତା ଆଦିରେ ଧାରାବାହିକ ଅନୁଧ୍ୟାନ, ଅନୁଶୀଳନ ଓ ଅନୁଗମନ । ମାନବୀୟ ଆଚରଣ ଓ ଉଚ୍ଚାରଣ ଆଧାରରେ ଗଢ଼ିଉଠେ ପରମ୍ପରା ଓ ପରମ୍ପରାର ସଜ୍ଜିକରଣରେ ସଂସ୍କୃତି ଜନ୍ମନିଏ । ତେଣୁ କୁହାଯାଏ- ସଂସ୍କୃତି ହେଉଛି ଏକ ପ୍ରେରଣା- ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା । ସଂସ୍କୃତି ହେଉଛି ଏକ ଗୁଣାତ୍ମକ ଆସ୍ପୃହା । ସଂସ୍କୃତି ଏକ ଅନ୍ୱେଷଣ, ଏକ ସତତ ଉଦ୍ୟମ, ସତତ ଆହ୍ୱାନ ଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକର ସମ୍ମୁଖୀନ ହେବାର ଏକ ଉଦ୍ୟମ । ମାନବ ସଭ୍ୟତାର ଶୈଶବ କାଳୀନ ଅନୁଭୂତିଠାରୁ ସାମାଜିକ ବିକାଶଧାରାର ଇତିବୃତ୍ତକୁ ଆଧାର କରି ପାରମ୍ପରିକ ଦୃଷ୍ଟିଭଙ୍ଗୀର ସୁସଜ୍ଜିତ ବିନ୍ୟାସରେ ବିକାଶ ଲାଭ କରିଛି ସଂସ୍କୃତି । ଏ ପରିପ୍ରେକ୍ଷୀରେ କହିରଖେ ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ, ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରାଥାଏ ଜୀବନର ଲକ୍ଷ୍ୟ । ତେଣୁ ସଂଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜା ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ । ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା ହିନ୍ଦୁଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । ଏଣୁ ଭାରତୀୟ ଦର୍ଶନରେ ବେଦର ଆଧିପତ୍ୟକୁ ଅସ୍ୱୀକାର କରି ନାସ୍ତିକ ଧାରାରେ ଚାର୍ବାକ, ବୌଦ୍ଧ ଓ ଜୈନ ଦର୍ଶନ ଯେଭଳି ଜନାଦୃତ, ଅନୁରୂପ ଭାବରେ ଆସ୍ତିକ ଧାରାରେ ସାଂଖ୍ୟ, ନ୍ୟାୟ, ବୈଶେଷିକ, ଯୋଗ ସେହିପରି ପ୍ରାଧାନ୍ୟ ଲାଭ କରିଥାଏ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ବେଦର 'ଅଗ୍ନିମିଳେ ପୁରୋହିଂତ' ବାଣୀ ଆଦିମ କାଳରୁ ଏଯାବତ୍ ଭାରତୀୟ ପରମ୍ପରାରେ ଅନୁସୃତ ହୋଇଆସିଛି । ଏହି ଧାରାରେ ମହାଭାରତୀୟତାର ଅଭିନ୍ନ ଅଂଶ ଭାବରେ ଉତ୍କଳୀୟ ସାଂସ୍କୃତିକ ଚେତନାକୁ ଅନୁଧ୍ୟାନ କରାଯାଇପାରେ । କପିଳ ସଂହିତା କହେ- ''ବର୍ଷଣାମ୍ ଭାରତ ଶ୍ରେଷ୍ଠ ଦେଶନାଂମୁତ୍କଳଶ୍ରୁତ୍ୟ/ ଉତ୍କଳସ୍ୟ ସମୋଦେଶ, ଦେଶୋ ନାସ୍ତି ମହୀତଳେ ।'' ବାସ୍ତବିକ କହିବାକୁ ଗଲେ ମହାଭାରତୀୟ ମୌଳିକ ଦୃଷ୍ଟିଭଙ୍ଗୀକୁ ଅକ୍ଷୁଣ୍ଣ ରଖି ଉତ୍କଳୀୟ ସଂସ୍କୃତି ଆପଣାର ମହନୀୟତାରେ ଦୀପ୍ତିମାନ୍ । ଲକ୍ଷ୍ୟ କଲେ ଦେଖାଯାଏ ଯେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ମୁଖ୍ୟତଃ ଆଦିବାସୀମାନଙ୍କ ଦ୍ୱାରା ପ୍ରଭାବିତ । ଓଡ଼ିଶାର ଆଦିମ ଅଧିବାସୀମାନେ ଥିଲେ ଶବର । ପରବର୍ତ୍ତୀ ସମୟରେ ଏଠାକୁ ଆସିଥିଲେ ଦ୍ରାବିଡ଼ । ଓଡ଼ିଶାର ଉତ୍ତର ଦିଗରୁ ଆର୍ଯ୍ୟମାନେ ପ୍ରଥମେ ସମତଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ବହୁ ଆଦିମ ଅଧିବାସୀ ଜଙ୍ଗଲକୁ ସେମାନଙ୍କ ବାସସ୍ଥାନ ଭାବେ ବାଛିନେଇଥିଲେ ଏବଂ ଅନେକ ବଶ୍ୟତା ସ୍ୱୀକାର କରି ସେମାନଙ୍କ ସେବାକାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ପ୍ରାଚୀନ ଓଡ଼ିଶା ଥିଲା ଜୈନ ଏବଂ ବୁଦ୍ଧଧର୍ମ ଦ୍ୱାରା ପ୍ରଭାବିତ । ପରବର୍ତ୍ତୀ ସମୟରେ ଏଠାରେ ଶୈବ, ଶାକ୍ତ ଓ ଗାଣପତ୍ୟଙ୍କ ପ୍ରଭାବ ପରିଲକ୍ଷିତ ହୋଇଥିଲା କିନ୍ତୁ ଓଡ଼ିଶାର ରାଷ୍ଟ୍ରଦେବତା ଭାବରେ ଶବର ପୂଜିତ ଜଗନ୍ନାଥ ପ୍ରତିଷ୍ଠା ଲାଭ କରିଥିଲେ । ସୌଭାଗ୍ୟର କଥା ଓଡ଼ିଶାର ଅବସ୍ଥିତି ହେଉଛି ଉତ୍ତର ଓ ଦକ୍ଷିଣ ଭାରତର କେନ୍ଦ୍ରବିନ୍ଦୁ । କେବଳ ଭୌଗୋଳିକ ଦୃଷ୍ଟିରୁ ନୁହେଁ; ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଏହା ହେଉଛି ଉତ୍ତର ଓ ଦକ୍ଷିଣ ମଧ୍ୟରେ ଏକ ସେତୁ ।

ଓଡ଼ିଶାର ସଂସ୍କୃତିକୁ ଅଧ୍ୟୟନ କଲାବେଳେ ମହାଭାରତୀୟ ପରମ୍ପରାର ଏକ ଅଂଶ ଭାବରେ ଏହାକୁ ଆଲୋଚନା କରାଯିବା ବିଧେୟ । ପ୍ରଥମତଃ ଏ ଜାତିର ଇତିହାସକୁ ଖୋଜିବା ଆବଶ୍ୟକ । ଅନେକ ଆଲୋଚକ ପ୍ରାଚୀନ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ଅର୍ଥାତ୍ 'ପଳାୟନ କରୁଥିବା ଏକ ଯୂଥ' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲାବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଓକ୍‌କଲ' ଏବଂ ସେହିଧାରାରେ 'କନ୍ନଡ଼'ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଆ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ବାସ୍ତବିକ କହିବାକୁ ଗଲେ ଓଡ଼ିଶା କ୍ଷୁଦ୍ରକ୍ଷୁଦ୍ର ଆଞ୍ଚଳିକ ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା । ମୁଖ୍ୟତଃ ଆଦିବାସୀ ମୁଖ୍ୟମାନେ ଥିଲେ ଏହାର ଶାସକ । ପ୍ରଶାସନିକ କେନ୍ଦ୍ରବିନ୍ଦୁର ଅଭାବରେ ଜନତା ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ନାନା ଶାସକମାନଙ୍କ ଦ୍ୱାରା ଉତ୍ପୀଡ଼ିତ ହେଉଥିଲେ । ତେଣୁ ଏକ ସମୃଦ୍ଧ ଜନପଦ ଓ ସଂସ୍କୃତି ସଂପନ୍ନ ଜନଗୋଷ୍ଠୀ ମଧ୍ୟରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଖୋଜିବା ସମ୍ଭବ ନୁହେଁ । ଏପରିକି ସାନ୍ଧ୍ୟ ଭାଷା 'ଚର୍ଯ୍ୟାପଦ' କେବଳ ଓଡ଼ିଆ ସାଧକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମଧ୍ୟ ବିଶ୍ୱାସ କରାଯାଇନପାରେ । ପୁଣି ସାରଳା ଦାସ 'ମହାଭାରତ' କିମ୍ବା 'ଚଣ୍ଡିପୁରାଣ' ସୃଷ୍ଟି କଲାବେଳେ ଆପେ ଆପେ ଶବ୍ଦ ପୁଞ୍ଜ ଗଢ଼ି ନ ଥିଲେ । ରାଜ ଅନୁକମ୍ପା କିମ୍ବା ପଣ୍ଡିତମାନଙ୍କ ସୌଭାଗ୍ୟ ପାଇନଥିବା ଲୋକମୁଖର ଭାଷାକୁ କେବଳ ଆଦରି ନେଇଥିଲେ । ରାଜା ଓ ପଣ୍ଡିତମାନେ ସାଧାରଣ ଲୋକଙ୍କଠାରୁ ଆପଣାକୁ ଉଚ୍ଚରେ ରଖିବା ପାଇଁ ସଂସ୍କୃତକୁ ମାନ୍ୟତା ପ୍ରଦାନ କରିଥିଲେ । ଏହା କେବଳ ଓଡ଼ିଆ ନୁହେଁ ଭାରତର ପ୍ରତ୍ୟେକ ଅଞ୍ଚଳର ଭାଷାକୁ ଅନୁଧ୍ୟାନ କଲାବେଳେ ଜାଣିହୁଏ । କିନ୍ତୁ ଏସବୁ ସତ୍ତ୍ୱେ ଜନପ୍ରଚଳିତ ଭାଷା ସବୁ ଉପେକ୍ଷା ଭିତରେ ମଧ୍ୟ ବଞ୍ଚିରହିଥିଲା ଏବଂ ତାହାହିଁ ଦେଇଥିଲା ବଞ୍ଚିବାର ସରଳତମ ସୂତ୍ର । ଏହି ଧାରାରେ ଲୋକସାହିତ୍ୟର ମହତ୍ତ୍ୱକୁ ମଧ୍ୟ ଅନୁଧ୍ୟାନ କରାଯାଇପାରେ । ଲୋକ-ଅଭିବ୍ୟକ୍ତି ଭିତରେ ଜାତିର ପ୍ରାଣସ୍ପନ୍ଦନ ଥିଲା ଅଧିକ ଜୀବନ୍ତ । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଓଷା ବ୍ରତ, ଯାତ୍ରା ମାଧ୍ୟମରେ ଲୋକଭାଷା, ସଂସ୍କୃତି ଓ ପରମ୍ପରାର ଧାରାଟିକୁ ଅଧିକ ପ୍ରସାରିତ କରିଥିଲା । କିନ୍ତୁ ଗଭୀର ଭାବରେ ଅନୁଧ୍ୟାନ କଲେ ଏହି ପରମ୍ପରା ଅନ୍ତରାଳରେ ଥିବା ଆଭିମୁଖ୍ୟଟି ଅଧିକ ଜାଣିହୁଏ । ଏସବୁ ସତ୍ତ୍ୱେ ସାରଳା ଦାସ ଯେପରି ଭାବରେ ଏକ ନୀରବ ପ୍ରତିବାଦ ମାଧ୍ୟମରେ ସଂସ୍କୃତ ସମସ୍ପର୍ଦ୍ଧି ଏକ ଦେଶଜ ପରମ୍ପରା ସୃଷ୍ଟି କଲେ, ତାହା ଦେଶଜ ଭାଷାରେ ଏକ ନୂଆ ପରମ୍ପରା ସୃଷ୍ଟି କରିଥିଲା । ସାରଳା ପରବର୍ତ୍ତୀ ପଞ୍ଚଦଶ ଶତାବ୍ଦୀ ବେଳକୁ ପ୍ରାନ୍ତୀୟ ଭାଷାଗୁଡ଼ିକ ଅପୂର୍ବ ସାମର୍ଥ୍ୟ ନେଇ ସମାଜରେ ଭିନ୍ନ ଏକ ପରମ୍ପରା ସୃଷ୍ଟି କରିବାର ପ୍ରୟାସ ଆରମ୍ଭ କରିସାରିଥିଲା । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଅଚ୍ୟୁତାନନ୍ଦଙ୍କ 'ହରିବଂଶ', ଜଗନ୍ନାଥ ଦାସଙ୍କ 'ଶ୍ରୀମଦ୍ ଭାଗବତ' ଏହାର ଏକ ଏକ ଶ୍ରେଷ୍ଠ ଉଦାହରଣ । ପିଣ୍ଡ ଭିତରେ ବ୍ରହ୍ମାଣ୍ଡର ପରିକଳ୍ପନା କରି ଆଧାତ୍ମିକତାର ପୃଷ୍ଠଭୂମି ଉପରେ ସମତାର ସମାଜ ଗଠନରେ ଏମାନେ ଥିଲେ ବ୍ରତୀ । ଜାତିଭେଦ, ଉଚ୍ଚନୀଚକୁ ଅସ୍ୱୀକାର କରି ଏକ ଅଭିନବ ଉପାୟରେ ମାନବର ଜୟଗାନ ଏମାନେ କରିଥିଲେ । ବିଷ୍ଣୁ ଉପାସନାର ଧାରାକୁ ଗୌଣ କରି ଗଣଦେବତା କୃଷ୍ଣଙ୍କୁ ମୁଖ୍ୟ ସ୍ଥାନ ଦେଇଥିଲେ । ତାଙ୍କ ଦୃଷ୍ଟିରେ-''ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା, କ୍ଷତ୍ରିୟ ବୈଶ୍ୟରେ ନାହିଁ ଭରସା । ସାନ ହେଲେ ମନ ସରୁଆ ହୋଇ, ତହୁଁ ଅଚ୍ୟୁତ ଯେ ଶୂଦ୍ର ବର୍ଣ୍ଣ ହିଁ ।'' ଏବଂ- "ଶୂଦ୍ର ବର୍ଣ୍ଣରେ ସେବାପ୍ରାପ୍ତ ହୁଏ, ଅହଙ୍କାର ନାହିଁ ଶୂଦ୍ରର ଦେହେ । ସେବା ଭକ୍ତିରେ ଗୋଲୋକ ମିଳଇ, ଯେଉଁ ପାଦେ ଚତୁର୍ବର୍ଗ ଯେ ଥାଇ ।'' ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ', 'ଲକ୍ଷ୍ମୀନାରାୟଣ ବଚନିକା' ଓଡ଼ିଆ ପରମ୍ପରାରେ ଜୀବନାନୁସନ୍ଧାନର ଧାରାକୁ କରିଥିଲା ପ୍ରସାରିତ । ପରବର୍ତ୍ତୀ ରୀତିଯୁଗୀୟ ସ୍ରଷ୍ଟା ପୂର୍ବବର୍ତ୍ତୀ ଯୁଗର ସମାଜ ସଂପୃକ୍ତି ମନୋଭାବକୁ ଅତି ଚତୁରତାର ସହ ଗ୍ରହଣ କରିଛନ୍ତି । ସଂସ୍କୃତ ସମସ୍ପର୍ଦ୍ଧୀ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ବଖାଣିବାକୁ ଯାଇ ଉପେନ୍ଦ୍ର ଘୋଷଣା କରିଛନ୍ତି- ''ଘେନ ନୈଷଧ ପରାୟେ, ଉପଇନ୍ଦ୍ର କହେ/ବୁଦ୍ଧେ ପ୍ରମାଦ କରାଏ ।'' ତେଲି ଭାଗବତରୁ ନୈଷଧ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏ ଆସ୍ପର୍ଦ୍ଧାକୁ ଉପେକ୍ଷା କରିହୁଏନାହିଁ । ଦୀର୍ଘକାଳ ଧରି ପ୍ରାକୃତ ଭାଷାର ଅବହେଳା ଏବଂ ପ୍ରାକୃତ ସ୍ରଷ୍ଟାର ଦୁର୍ବଳ ମାନସିକତାକୁ ପରାହତ କରି ସଂସ୍କୃତ ସମସ୍ପର୍ଦ୍ଧୀ କାବ୍ୟ ସୃଷ୍ଟିର ଏକ ଅନୁପମ ଧାରାଟିଏ ଏ ସମୟରେ ସୃଷ୍ଟିଲାଭ କରିଛି । ବସ୍ତୁତଃ କୁହାଯାଇପାରେ ଏହାର ଶୀର୍ଷବିନ୍ଦୁରେ କବିସୂର୍ଯ୍ୟ, ବନମାଳୀ ଓ ଗୋପାଳକୃଷ୍ଣ ଅଧିକ କୁଶଳତାର ସହ ପରମ୍ପରାକୁ ଆଗେଇ ନେଇଛନ୍ତି ।

୧୮୦୩ ମସିହାରେ ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାରଲାଭ କରିଥିଲା । ଓଡ଼ିଶା ଅଧିକାର ପରେ ନୂତନ ଶିକ୍ଷା ନୀତି ପ୍ରଣୟନ, ମୁଦ୍ରଣ ଶିଳ୍ପର ବିକାଶ, ପତ୍ରପତ୍ରିକାର ପ୍ରକାଶନ, ଡାକ ଓ ରେଳ ବ୍ୟବସ୍ଥା ଓଡ଼ିଶାକୁ ଅଭ୍ୟୁଦୟ ପଥରେ ଅବସ୍ଥାପିତ କରିଥିଲା । କିନ୍ତୁ ଇଂରେଜମାନଙ୍କ ଦ୍ୱୈତଶାସନ ନୀତି, ଅର୍ଥନୈତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ତଥା ଖ୍ରୀଷ୍ଟଧର୍ମ ପ୍ରଚାର ସମାଜରେ ସୃଷ୍ଟି କରିଥିଲା ଘୋର ଜନଅସନ୍ତୋଷ । ୧୮୬୬ ମସିହା ପ୍ରଳୟଙ୍କରୀ 'ନଅଙ୍କ ଦୁର୍ଭିକ୍ଷ' ସମୟରେ ଶାସକ ଗୋଷ୍ଠୀର ଅନୁଦାର ମନୋବୃତ୍ତି ଏ ଜାତିକୁ ପୁନଃ ସଂଗଠିତ ହେବା ଦିଗରେ ଅନୁପ୍ରେରିତ କରିଥିଲା । ଦୈବୀ ଅପେକ୍ଷା ମାନବକୃତ ଅବହେଳା ଫଳରେ ଓଡ଼ିଶାର ଜନଜୀବନ କ୍ରମେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ପରିଣତି ସ୍ୱରୂପ ଓଡ଼ିଶାର ଜାତୀୟ ଜୀବନରେ ସଂଗଠିତ ଭାବରେ ବିଦ୍ରୋହ କରିବା ମନୋବୃତ୍ତି କ୍ରମେ ଉଗ୍ରରୂପ ଧାରଣ କରିଥିଲା । ଏହାର ରୂପଚିତ୍ରକୁ ଇତିହାସରୁ ଅନୁଧ୍ୟାନ କରାଯାଇପାରେ । ଓଡ଼ିଶା ଇତିହାସରେ 'ସିପାହୀ ବିଦ୍ରୋହ'ର ଚାଳିଶ ବର୍ଷ ପୂର୍ବରୁ 'ପାଇକ ବିଦ୍ରୋହ' ଆରମ୍ଭ ହୋଇଥିଲା । ବ୍ରିଟିଶମାନଙ୍କ ଶୋଷଣ ନୀତି ଓ ଅସାଧୁ କର୍ମଚାରୀଙ୍କ ଅତ୍ୟାଚାରରେ ଓଡ଼ିଶା ତଳିତଳାନ୍ତ ହୋଇଯାଇଥିଲା । ଏପରିକି ନୂତନ ଶାସନ ବ୍ୟବସ୍ଥା ସଂପର୍କରେ ଅନଭିଜ୍ଞ ଓଡ଼ିଶାର ଜମିଦାର ଶ୍ରେଣୀ ସୂର୍ଯ୍ୟାସ୍ତ ଆଇନ ବଳରେ ହରାଇଥିଲେ ସେମାନଙ୍କ ପ୍ରତିଷ୍ଠା । କଲିକତାର ଫୋର୍ଟ ଉଇଲିୟମ୍ ଦୁର୍ଗଠାରେ ସ୍ୱଳ୍ପ ମୂଲ୍ୟରେ ନିଲାମ ହୋଇଥିଲା ଓଡ଼ିଶାର ଜମିଦାରୀ । ମଧ୍ୟବିତ୍ତ ଶ୍ରେଣୀ ଜମିଦାରୀ ହାସଲ କରି ପ୍ରଜାମାନଙ୍କୁ ନିର୍ମମ ଭାବରେ ଶୋଷଣ କରିବା ଆରମ୍ଭ କରିଥିଲେ ।

ଇଂରେଜମାନଙ୍କ କୂଟନୀତି ଓ ହୀନ ଚକ୍ରାନ୍ତ ବିରୁଦ୍ଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର 'ଖୋର୍ଦ୍ଧା ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ବିପ୍ଳବର ବହ୍ନି କ୍ରମେ ବାଣପୁରର ବିପ୍ଳବୀ ନେତା କୃତ୍ତିବାସ ପାଟଶାଣୀ, ଘୁମୁସରର ଚକ୍ରା ବିଶୋଇ ଓ ଦୋହରା ବିଶୋଇ ଏବଂ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ରଣକୌଶଳ ତଥା ଅସ୍ତ୍ରଶକ୍ତିରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ । ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହୋଇଥିଲା । କିନ୍ତୁ ୧୮୬୬ ମସିହାରେ 'ନ'ଅଙ୍କ ଦୁର୍ଭିକ୍ଷ' ଓଡ଼ିଆ ଜନଜୀବନ ନିମନ୍ତେ ଥିଲା ଦାରୁଣ ଦୁଃସ୍ୱପ୍ନ । ଶାସକ ଗୋଷ୍ଠୀର ଅପାରଗତା କାରଣରୁ ଏକ ବିଶାଳ ଜାତି ଚରମ ଦୁଃଖ, ଦୁର୍ଦ୍ଦଶା ଭୋଗ କରିଥିଲା । ସମୟାନୁକ୍ରମେ ଊନବିଂଶ ଶତକର ବିଭିନ୍ନ ସମୟରେ ପ୍ରାଚୀନ ଓଡ଼ିଶାର ଅଙ୍ଗଚ୍ଛେଦ ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପ ଦିଗରେ ସୁଚିନ୍ତିତ ଉଦ୍ୟମ କରାଯାଇଥିବା ଲକ୍ଷ୍ୟ କରିହୁଏ । ୧୮୬୮ ମସିହା ଡିସେମ୍ବର ମାସରେ କଟକ ଡିବେଟିଂ କ୍ଲବ୍‌ରେ ଏକ ଅଭିଭାଷଣ ପ୍ରଦାନ କରି ଐତିହାସିକ ତଥା ପ୍ରତ୍ନତତ୍ତ୍ୱବିତ୍ ରାଜେନ୍ଦ୍ରଲାଲ୍ ମିତ୍ର କହିଥିଲେ ଯେ- ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବ, ସେ ପ୍ରଥମେ ଓଡ଼ିଆ ଭାଷା ଉଠାଇ ଦେଇ ବଙ୍ଗ ଭାଷା ପ୍ରଚଳନ ପାଇଁ ଚେଷ୍ଟା କରିବ । କାରଣ, ମାତ୍ର କୋଡ଼ିଏ ଲକ୍ଷ ବାସ କରୁଥିବା ଏକ ରାଜ୍ୟରେ ଏକ ସ୍ୱତନ୍ତ୍ର ଭାଷା ରହିଲେ ଉକ୍ତ ଭାଷା-ସାହିତ୍ୟର ଉନ୍ନତି ହେବା ସମ୍ଭବପର ନୁହେଁ । ଓଡ଼ିଆ ଭାଷା ବିଲୋପ ଦିଗରେ ଭିନ୍ନ ଭାଷାଭାଷୀଙ୍କ ଚକ୍ରାନ୍ତ ଜାତୀୟ ଜୀବନରେ ସୃଷ୍ଟି କରିଥିଲା ଘୋର ପ୍ରତିକ୍ରିୟା । ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା ବାଲେଶ୍ୱର ଭର୍ଣ୍ଣାକୁଲାର ସ୍କୁଲର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା । ଶିକ୍ଷିତ ଓଡ଼ିଆମାନଙ୍କ ସାମୂହିକ ଉଦ୍ୟମ ଫଳରେ କେବଳ ଏ ଭାଷା ସ୍ୱୀକୃତି ଲାଭ କରି ନ ଥିଲା; ଅନ୍ୟପକ୍ଷରେ ଆତ୍ମଜାଗୃତି ନିମନ୍ତେ ଏହା ଏକ ଉନ୍ନତ କ୍ଷେତ୍ର ପ୍ରସ୍ତୁତ କରିଥିଲା ।

ବସ୍ତୁତଃ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଜନସାଧାରଣଙ୍କ ରୁଚିରେ ପରିବର୍ତ୍ତନ ଆଣିଥିଲା । ଶିକ୍ଷାୟତନରେ ମାତୃଭାଷାରେ ଶିକ୍ଷାଦାନ ଓ ବିବିଧ ପ୍ରକାରର ପାଠ୍ୟପୁସ୍ତକ ଅଧ୍ୟୟନ ଦ୍ୱାରା ସେ ସମୟରେ ଏକ ଶିକ୍ଷିତ ମଧ୍ୟବିତ୍ତ ସମାଜର ସୃଷ୍ଟି ସମ୍ଭବ ହୋଇଥିଲା । ଏଇ ଶିକ୍ଷିତ ମଧ୍ୟବିତ୍ତ ସମାଜ ସେ ସମୟରେ ସାମାଜିକ ପୁନର୍ଗଠନର ନେତୃତ୍ୱ ନେଇଥିଲେ । ସାହିତ୍ୟ କ୍ଷେତ୍ରରେ ନବ୍ୟ ଶିକ୍ଷିତ ଗୋଷ୍ଠୀ ନୂତନତାର ସ୍ୱପ୍ନ ଦେଖିଥିଲେ । ଲୋକମାନଙ୍କ ଚିତ୍ତରେ ଏକ ଅଭିନବ ରୁଚିବୋଧ ଓ ଜୀବନପ୍ରତି ଏକ ନୂତନ ଦୃଷ୍ଟିକୋଣ ବିକାଶଲାଭ କରିଥିଲା । ଏଇ ନୂତନ ରୁଚିବୋଧ ଓ ଦୃଷ୍ଟିକୋଣ ପାଶ୍ଚାତ୍ୟ ଚେତନା ସହ ପ୍ରାଚ୍ୟ ଚେତନାର ସମନ୍ୱୟ ସଂସ୍ଥାପିତ କରି ଆଧୁନିକ ସାହିତ୍ୟ ସୃଷ୍ଟି ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲା । ଭାରତୀୟ ସର୍ଜନାଧାରାରେ ଉଭୟ ଆତ୍ମିକ ଓ ଆଙ୍ଗିକ ପରିବର୍ତ୍ତନ ପଥରେ ଯାତ୍ରା ଆରମ୍ଭ କରିଥିଲା । ସଙ୍ଗୀତ, ଛାନ୍ଦ, ଆବୃତ୍ତି ଧର୍ମିତାକୁ ନେଇ ପ୍ରଭାବ ବିସ୍ତାର କରିଥିବା ପଦ୍ୟ ସାହିତ୍ୟ ବଦଳରେ କ୍ରମେ ଗଦ୍ୟ ସାହିତ୍ୟ ମୁଖ୍ୟ ପ୍ରକାଶ ଧାରା ଭାବରେ ଉଭା ହୋଇଥିଲା । ମୁଖ୍ୟତଃ କହିବାକୁ ଗଲେ ଗଦ୍ୟ ସାହିତ୍ୟର ବିକାଶ ହେଉଛି ଆଧୁନିକତାର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି । ପରିଶେଷରେ କହିବାକୁ ଗଲେ ଗତାନୁଗତିକ ଧାରାରେ ଗଢ଼ିଆସୁଥିବା ମହାଭାରତୀୟ ପରମ୍ପରା ଇଂରେଜମାନଙ୍କ ଆଗମନ ପରବର୍ତ୍ତୀ ସମୟରେ ପରିବର୍ତ୍ତନ ଦିଗରେ ପାଦ ଥାପିଛି । ଇଂରେଜମାନଙ୍କ ଭାରତ ଅଧିକାର ରାଜନୈତିକ ଦୃଷ୍ଟିରୁ କେବଳ ଗୁରୁତ୍ୱ ନୁହେଁ, ଏହା ପାରମ୍ପରିକ, ଆଧ୍ୟାତ୍ମିକ, ସାମାଜିକ, ଅର୍ଥନୈତିକ, ନୈତିକ ଆଦି ସ୍ତରରେ ଆଣିଛି ଅପୂର୍ବ ପରିବର୍ତ୍ତନ ।

*-ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଂଜାମ, ସଂପର୍କ: ୮୮୯୫୧୪୧୭୨୭*

# ତେଜିଲା ଜିଲ୍ଲା ଘୋଷଣା ଦାବି



ବରଗଡ ଜିଲ୍ଲାର 'ପଦ୍ମପୁର' ଉପଖଣ୍ଡକୁ ଆସନ୍ତା ୨୦୨୩ ମସିହା ସେପ୍ଟେମ୍ବର ସୁଦ୍ଧା ଜିଲ୍ଲା ମାନ୍ୟତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ (ବିଜେଡି)ର ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେବାପରେ ଏବେ ଯେଉଁଭଳି ଭାବେ ରାଜ୍ୟର ବିଭିନ୍ନ ଅଂଚଳରୁ ଜିଲ୍ଲାର ମାନ୍ୟତା ଦାବି ଗୁଞ୍ଜରଣ ହେଲାଣି, ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପୂର୍ବରୁ ଏହା ବିସ୍ଫୋରକ ରୂପ ନେବାର ସମ୍ଭାବନାକୁ ଅଣଦେଖା କରାଯାଇ ନ ପାରେ। ଅବଶ୍ୟ ଓଡିଶା ସରକାର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ପ୍ରତିଶ୍ରୁତି ଦେଇନାହାଁନ୍ତି। ବିଜେଡି ସୁପ୍ରିମୋ ବା ସଭାପତି ଭାବେ ଏହି ପ୍ରତିଶ୍ରୁତି ଦିଆଯାଇଥିବା ପଦ୍ମପୁର ଜିଲ୍ଲା ପାଇଁ ଆନ୍ଦୋଳନକାରୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ବିଜେଡିର ନିର୍ବାଚନ ଇସ୍ତାହାରରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବା ପ୍ରତିଶ୍ରୁତି ସ୍ଥାନ ପାଇବ। ଏହାପୂର୍ବରୁ ବିଜେଡି 'ପଦ୍ମପୁର' ଜିଲ୍ଲା ଦାବିକୁ ସମର୍ଥନ ଘୋଷଣା କରିଥିଲା। କହିବା ବାହୁଲ୍ୟ ଯେ, ପଦ୍ମପୁରକୁ ଜିଲ୍ଲା କରିବା ପାଇଁ ଦାବି ନୂଆ ନୁହେଁ। ବର୍ଷ ବର୍ଷ ଧରି ଦାବି ହୋଇ ଆସୁଛି। ଏବେ ପଦ୍ମପୁର ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ଜିଲ୍ଲା ଦାବି ଆହୁରି ଶାଣିତ ହେବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ ଯେ, ଧାମନଗର ବିଧାନସଭା ଉପନିର୍ବାଚନରେ ପରାଜୟର ସ୍ୱାଦ ଚାଖିବା ପରେ ରାଜ୍ୟରେ ଦୀର୍ଘ ୨୨ବର୍ଷ ଧରି କ୍ଷମତାରେ ଥିବା ବିଜେଡି ପଦ୍ମପୁର ଆସନକୁ ହାତଛଡା କରିବାକୁ ଚାହୁଁନାହିଁ। ତେଣୁ ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ତଥା ନିର୍ବାଚନ ବୈତରଣୀ ପାର ହେବା ଲାଗି ବିଜେଡି ସୁପ୍ରିମୋ ପଦ୍ମପୁରକୁ ଜିଲ୍ଲା କରିବା ପାଇଁ ପ୍ରତିଶ୍ରୁତି ଦେବା ଅସ୍ୱାଭାବିକ ନୁହେଁ। ଅବଶ୍ୟ ବିରୋଧିଦଳଗୁଡିକ ଏହାକୁ ବିଜେଡିର ଧୂଆଁବାଣ, ନିର୍ବାଚନୀ ଚାଲ ବୋଲି କହିଛନ୍ତି। କିନ୍ତୁ ଏହା ସତ୍ୟ ଯେ, ପଦ୍ମପୁରକୁ ଜିଲ୍ଲା ମାନ୍ୟତା ପ୍ରଦାନ ପାଇଁ ବିଜେଡି ସୁପ୍ରିମୋଙ୍କ ପ୍ରତିଶ୍ରୁତି ପରେ ରାଜ୍ୟର ଦକ୍ଷିଣରୁ, ପୂର୍ବରୁ ପଶ୍ଚିମ, ବିଭିନ୍ନ ସହରରୁ ଜିଲ୍ଲା ଘୋଷଣା ପାଇଁ ଦାବି ଉଠିଲାଣି। ବିଶେଷ କରି ରାଇରଙ୍ଗପୁର, ଟିଟିଲାଗଡ, କଂଟାବାଂଜି, ଜୁନାଗଡ, ଭଂଜନଗର ଏବଂ ରାଜଧାନୀ ଭୁବନେଶ୍ୱରକୁ ଜିଲ୍ଲା ମାନ୍ୟତା ଦାବି ଜୋର ଧରିଛି। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ପାଇଁ ଦାବି ବର୍ତ୍ତମାନର ନୁହେଁ। ବହୁ ବର୍ଷ ବର୍ଷ ଧରି ଦାବି ହୋଇଆସୁଥିବା ବେଳେ ଜଷ୍ଟିସ ବି.କେ. ଦାସଙ୍କ କମିଟି ମଧ୍ୟ ସୁପାରିଶ କରିଥିଲେ। ଉଲ୍ଲେଖ କରାଯାଇପାରେ ଯେ, ୧୯୯୪ ମସିହାରେ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ପ୍ରଶାସନକୁ ଲୋକଙ୍କ ନିକଟରେ ପହଁଚାଇବା ପାଇଁ ୧୩ଟି ଜିଲ୍ଲାକୁ ଭାଙ୍ଗି ୩୦ଟି ଗଠନ କରିଥିଲେ। ସେତେବେଳେ ମଧ୍ୟ ସ୍ୱର୍ଗତଃ ପଟ୍ଟନାୟକ ଭୁବନେଶ୍ୱରର ନୂଆ ନାମ 'ତୋଷାଳୀ' ରଖି ଜିଲ୍ଲା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଭୌଗୋଳିକ, ଜନସଂଖ୍ୟା ଏବଂ ପ୍ରଶାସନିକ ଗୁରୁତ୍ୱ ଦୃଷ୍ଟିରୁ ରାଜଧାନୀ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବି ଅଯାଥାର୍ଥ ନୁହେଁ ବୋଲି କୁହାଯାଇପାରିବ। ଏହା ସତ୍ୟ ଯେ, ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ପ୍ରଶାସନକୁ ଲୋକଙ୍କ ନିକଟରେ ପହଁଚାଇବା ସରକାରଙ୍କ କର୍ତବ୍ୟ। ଯାହାର ଗୁରୁତ୍ୱ ଉପଲବ୍ଧ କରି ପ୍ରବାଦପୁରୁଷ ବିଜୁବାବୁ ୧୩ଟି ଜିଲ୍ଲାକୁ ଭାଙ୍ଗି ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ରାଜ୍ୟରେ ୧୯୯୪ରେ ୧୭ଟି ନୂତନ ଜିଲ୍ଲା ଗଠନ ଫଳରେ ପ୍ରଶାସନ ଏବେ ଲୋକଙ୍କ ନିକଟତର ହୋଇପାରିଛି। ଯାହାକି ପ୍ରବାଦପୁରୁଷଙ୍କର ଏକ ଦୁଃସାହସିକ ପଦକ୍ଷେପ ଥିଲା। ଭୌଗୋଳିକ ଦୃଷ୍ଟିକୋଣରୁ ଏବେ ବି ରାଜ୍ୟର ବହୁ ଅଂଚଳ ଜିଲ୍ଲା ସଦର ମହକୁମାଠାରୁ ବହୁ ଦୂରରେ ରହିଛି। ବିଶେଷ କରି ମୟୂରଭଂଜ ଜିଲ୍ଲାରେ ଏହା ଉପଲବ୍ଧ ହୋଇଛି। ଆଦିବାସୀବହୁଳ ଜଙ୍ଗଲପାହାଡଭରା ମୟୂରଭଂଜ ଜିଲ୍ଲାରେ ବହୁ ଅଂଚଳ ଏବେ ଜିଲ୍ଲା ସଦର ମହକୁମାଠାରୁ ବହୁ ଦୂରରେ ରହିଛି। ସେହିପରି ସୀମାନ୍ତ ଅଂଚଳ 'ପଦ୍ମପୁର'କୁ ଜିଲ୍ଲା ଦାବି ମଧ୍ୟ ଅଯଥାର୍ଥ ନୁହେଁ ବୋଲି କୁହାଯାଇପାରେ। କହିବା ବାହୁଲ୍ୟ ଯେ, ନିର୍ବାଚନ ପାଖେଇଆସିଲେ, ସାଧାରଣ ଲୋକଙ୍କ ଠାରୁ ସରକାରୀ କର୍ମଚାରୀଙ୍କର ବିଭିନ୍ନ ଦାବି ଜୋର ଧରିଥାଏ। ଏହି ସମୟକୁ ଦାବି ପୂରଣ ପାଇଁ ଏକ ସୁଯୋଗ ବୋଲି ସେମାନେ ଗ୍ରହଣ କରିନେଇଥା'ନ୍ତି। ଭୋଟ ହାତେଇବା ପାଇଁ ସରକାର ଦାବିକୁ ଗ୍ରହଣ କରିଥିବାବେଳେ ବିରୋଧିଦଳଗୁଡିକ କ୍ଷମତାକୁ ଆସିଲେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥା'ନ୍ତି। ଏବେ ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ସୁପ୍ରିମୋ ପ୍ରତିଶ୍ରୁତି ଦେବା ସ୍ୱାଭାବିକ। ଆଚରଣବିଧି ଲାଗୁ ହୋଇଥିବାରୁ ପଦ୍ମପୁରକୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ଘୋଷଣା କରିନଥିବା କୁହାଯାଇଛି। କିନ୍ତୁ ଏହା ନିଶ୍ଚିତ ଯେ, ପ୍ରତିଶ୍ରୁତି ପୂରଣ କରିବାରେ ବିଜେଡି କେବେହଲେ ପଛଘୁଂଚା ଦେଇନାହିଁ। ତେଣୁ ପଦ୍ମପୁର ସମେତ ଆଉ କେତେକ ନୂତନ ଜିଲ୍ଲା ଗଠନ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯




# ଧାନ ଫସଲର କୀଟ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...



**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡାଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।
* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।
* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ।
* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।
* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।
-ପଟାସ ସାର ବ୍ୟବହାର କରିବା ଦରକାର।
-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା
ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ। ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ। ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ। ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ। ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ। ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ। ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ। କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ। ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ। ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ। ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା। ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ। ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ। ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି। ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ। ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ। ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି। କିନ୍ତୁ ଭୃଙ୍ଗ ଗୁଡ଼ିକ ଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ। ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ। ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି। ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି। ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ। ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି। କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି। କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି। ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି।

**ସିରଫିଡ୍ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ। ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ। ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ। ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି। ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ।

**କ୍ରାଇସୋପର୍ଲା :**

ଏହାକୁ ଜଉପୋକର ଖାଦକ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ। ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି। ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ। ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି। ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ। ଏହା ସବୁ ପ୍ରକାର ଫସଲରେ ଦେଖାଯାଏ। ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ। ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ। ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ। ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି। ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ।

**ରେଡ୍ଡୁଭିଡ୍ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି। ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ। ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ। ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ। ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି। ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର। ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ। ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି। ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ। ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ। ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ। ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ। ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ। ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ। ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ। ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଭିତ୍ତିଭୂମି ନିର୍ମାଣ ସମୁଦ୍ର ଉପକୂଳ ପାଇଁ ନୂଆ ସଙ୍କଟ



ନଦୀ ନାଳ ଦ୍ୱାରା ସମୁଦ୍ରକୁ ବିଭିନ୍ନ ପ୍ରକାର ପଥର, ଗୋଡ଼ି, ପଙ୍କ ପ୍ରବାହିତ ହୋଇ ଆସେ। ସମୁଦ୍ରକୁ ପାଣି ଯାଉଥିବା ବେଳେ ଏ ସବୁ କଠିନ ପଦାର୍ଥ ସମୁଦ୍ର ଢ଼େଉରେ ଭାସି ଆସି କୂଳରେ ସମାନ ଭାବେ ଜମା ହୁଏ। ଏହି କଠିନ ପ୍ରାକୃତିକ ବର୍ଜ୍ୟ ଉପକୂଳରେ ଏକ ପ୍ରାକୃତିକ ସୁରକ୍ଷା ପାଚେରୀ ତିଆରି କରିଥାଏ। କିନ୍ତୁ କିଛି ବର୍ଷ ହେଲା ସମୁଦ୍ର କୂଳରେ ନିର୍ମାଣ ଓ ନଦୀର ଉପରମୁଣ୍ଡରେ ଜଳକୁ ଅବରୋଧ କରିବା ଦ୍ୱାରା ଏ ବ୍ୟବସ୍ଥା ପ୍ରଭାବିତ ହୋଇଛି। ନଦୀ ନାଳରେ ଠିକ ସମୟରେ ପାଣି ଆସୁନାହିଁ; ଫଳରେ ପ୍ରାକୃତିକ କଠିନ ବର୍ଜ୍ୟ ମଧ୍ୟ ଆବଶ୍ୟକ ପରିମାଣରେ ଆସୁନାହିଁ। ଏହାଛଡ଼ା ସମୁଦ୍ର କୂଳରେ ବିଭିନ୍ନ ନିର୍ମାଣ କାମ ପାଇଁ କଠିନ ବର୍ଜ୍ୟ ସମତୁଲ ଭାବେ ସମୁଦ୍ର କୂଳରେ ଜମା ହୋଇପାରୁ ନଥିବାରୁ କେଉଁଠି ଅତ୍ୟଧିକ ଜମା ହୋଇ ରହୁଛି ତ ଆଉ କେଉଁଠି ଢ଼େଉ ସାଂଘାତିକ କୂଳ ଖାଉଛି ଯାହା ଉପକୂଳ ସୁରକ୍ଷା ପାଇଁ ସଙ୍କଟ ସୃଷ୍ଟି କରୁଛି। ନେଦରଲ୍ୟାଣ୍ଡର ପରିବେଶ ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ସାଇନ୍ସ ଅଫ ଦି ଟୋଟାଲ ଏନଭାଇରନମେଣ୍ଟ ପତ୍ରିକାରେ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଅବକ୍ଷୟର ହଟସ୍ପଟ ଚିହ୍ନଟ ହୋଇଛି। ବଡ଼ କଥା ହେଉଛି ଯେ ଏହି ପ୍ରକ୍ରିୟା ମଧ୍ୟରେ ନଦୀଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ଯାହାର ପ୍ରଭାବ ସ୍ୱରୂପ କିଛି ମାସ ପୂର୍ବେ ଋଷିକୂଲ୍ୟା ନଦୀରେ ଏକ ନୂଆ ମୁହାଣ ସୃଷ୍ଟି ହୋଇ ସାରିଛି। ଗବେଷଣାରେ କୁହାଯାଇଛି ଯେ ମହାନଦୀ ଉପରମୁଣ୍ଡ ସହିତ ରାଜ୍ୟର ବିଭିନ୍ନ ନଦୀ ଉପରମୁଣ୍ଡରେ ଡ୍ୟାମ ଓ ଅନ୍ୟ କାର୍ଯ୍ୟ ପାଇଁ ସମୁଦ୍ର ପାଣିକୁ ଆସିବା କମ ହୋଇଯାଉଛି। ଏହାଦ୍ୱାରା ଗତ ୨୦-୩୦ ବର୍ଷ ମଧ୍ୟରେ ସମୁଦ୍ରକୁ ପାଣି ଓ ସେଡିମେଣ୍ଟ ଆସିବା ମଧ୍ୟ କମ ହୋଇଯାଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସମୁଦ୍ର ଉପକୂଳ ଅବକ୍ଷୟ ହେବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏରି ରିସର୍ଚ୍ଚରେ ସାମିଲ ଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ଜିଓଗ୍ରାଫି ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ଏଥିରେ ମୁଖ୍ୟତଃ ବନ୍ଦର ଅଞ୍ଚଳଗୁଡ଼ିକ ଅଧିକ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ଥିବା ୩ଟି ବନ୍ଦର ମଧ୍ୟରୁ ବର୍ତ୍ତମାନ ପାରାଦ୍ୱୀପ ଓ ଗୋପାଳପୁର ବନ୍ଦରର ଏହାର ପ୍ରଭାବ ଦେଖା ଦେଇ ସାରିଛି। ସେ କହିଛନ୍ତି ଯେ ବନ୍ଦର ନିର୍ମାଣ ପାଇଁ ପ୍ରଥମେ ସମୁଦ୍ର ଢ଼େଉର ପ୍ରତିକାର ପାଇଁ ଏକ ଲମ୍ବା କଂକ୍ରିଟ ଭିତ୍ତି (ଷ୍ଟ୍ରକଚର) ନିର୍ମାଣ କରାଯାଉଛି। ଏହି ଲମ୍ବା ଭିତ୍ତିଟି ସମୁଦ୍ର ଢ଼େଉକୁ ପ୍ରତିରୋଧ କରୁଛି। ଏହି ଲମ୍ବା ଭିତ୍ତି ଯୋଗୁଁ ଯେଉଁ ସେଡିମେଣ୍ଟ ଗୁଡ଼ିକ ସମାନ ଭାବେ ବାଣ୍ଟି ହୋଇଯିବା କଥା ଏହି ଷ୍ଟ୍ରକଚର ଯୋଗୁଁ ସେହି ସ୍ଥାନରେ ଏହା ଉପକୂଳକୁ ଆସିପାରୁନାହିଁ। ତେବେ ଯେଉଁ ସ୍ଥାନରେ ଏହି ବାଧା ସୃଷ୍ଟି ହେଉଛି, ଏହାର ଦକ୍ଷିଣ ଦିଗରେ ଏହି ସମସ୍ତ ସେଡିମେଣ୍ଟଗୁଡ଼ିକ ଗଦା ହେଉଛି। ମାତ୍ର ଏହାର ଉତ୍ତର ଦିଗରେ ବ୍ୟାପକ ଭାବେ ସମୁଦ୍ର ଅବକ୍ଷୟ ହେବାରେ ଲାଗିଛି ବୋଲି ଜଣାପଡ଼ିଛି। ଯାହାର ଉଦାହରଣ ସ୍ୱରୂପ ପାରାଦ୍ୱୀପର ଉତ୍ତର ଅର୍ଥାତ ସାତଭାୟାରେ ସମୁଦ୍ର କୂଳ ଲଙ୍ଘିବା ସହିତ ଏଠାରେ ଅବକ୍ଷୟ ହୋଇ ଚାଲିଛି। ସମାନ ଭାବେ ଗୋପାଳପୁର ବନ୍ଦରର ଦକ୍ଷିଣ ଅର୍ଥାତ୍ ଟୁରିଷ୍ଟ ବିଚ ନିକଟସ୍ଥ ଅଞ୍ଚଳରେ ସେଡିମେଣ୍ଟ ଗଦା ହୋଇ ଚାଲିଥିବାବେଳେ ବନ୍ଦରର ଉତ୍ତର ଭାଗ ଅର୍ଥାତ୍ ପୋଡମପେଟାରେ କୂଳ ଅବକ୍ଷୟ ହେଉଛି। ଏହି ଅବକ୍ଷୟ ଫଳରେ ସେଉଁ ସେଡିମେଣ୍ଟ ସବୁ ସମୁଦ୍ରକୁ ଆସୁଛି ତାହା ବର୍ତ୍ତମାନ ଋଷିକୂଲ୍ୟା ମୁହାଣ ନିକଟରେ ଗଦା ହେଉଛି। ଯାହାଫଳରେ ଏହି ମୁହାଣରୁ ସମୁଦ୍ରକୁ ଠିକ ଭାବେ ପାଣି ଆସ ନପାରି ଋଷିକୂଲ୍ୟାରେ ଆଉ ଏକ ମୁହାଣ ଖୋଲିଛି ଓ ସେଠାରୁ ସମୁଦ୍ରକୁ ପାଣି ପ୍ରବେଶ କରିଛି। ବର୍ତ୍ତମାନ ଯେଉଁ ମୁହାଣ ଦେଇ ପାଣି ସମୁଦ୍ରରେ ମିଶୁଛି, ସେଠାରେ ବିରଳ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ କରିଥାନ୍ତି। ବର୍ତ୍ତମାନ ଏହି ପ୍ରକ୍ରିୟାରେ ମଧ୍ୟ ବାଧା ସୃଷ୍ଟି ହେବ ବୋଲି ପ୍ରଫେସର ମିଶ୍ର କହିଛନ୍ତି। ତେଣୁ ରାଜ୍ୟର ଯେକୌଣସି ସ୍ଥାନର ବନ୍ଦର କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ବିକାଶ ପାଇଁ ଚିନ୍ତା କରାଗଲେ ସରକାର ଆଖପାଖ ଗାଁ ଓ ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ଦୁଇଟି ବନ୍ଦର ପାଇଁ ସମସ୍ୟା ସୃଷ୍ଟି ହୋଇ ସାରିଥିବା ବେଳେ ଧାମରାରେ ଏହି ସମସ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ଦେଖାଯାଇ ନାହିଁ। ଧାମରା ବନ୍ଦର ପାଇଁ ସମୁଦ୍ର ମଧ୍ୟରେ ଥିବା ଦୀପ ବରଦାନ ସାବ୍ୟସ୍ତ ହୋଇଛି। ପ୍ରାକୃତିକ ଉପାୟରେ ସମୁଦ୍ର ଲହଡି ଦୀପରେ ମାଡ଼ ହେଉଥିବାରୁ ବନ୍ଦର ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନଥିବା ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପଟେ ଯେଉଁ ସ୍ଥାନଗୁଡ଼ିକରେ ଅବକ୍ଷୟ ହେଉଛି, ସେଠାରେ ବାରମ୍ବାର ବାଲି ଫିଲିଂ ହେବା ଆବଶ୍ୟକତା ରହିଛି। ଆମେ ସମସ୍ତେ ସଚେତନ ହୋଇ ପରିବେଶକୁ ଭଲ ପାଇବା ଅତ୍ୟନ୍ତ ଜରୁରୀ।

—ବିପିନବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ: ୯୪୩୭୬୬୬୪୫୩

# — "ଥିଲେ ଦିଅ, ନଥିଲେ ନିଅ"— 'ଉତ୍ର' ପକ୍ଷରୁ ଶୀତବସ୍ତ୍ର ବଂଟନ




ଭୁବନେଶ୍ୱର (ପିଏନ୍): "ଥିଲେ ଦିଅ, ନଥିଲେ ନିଅ" ଆନ୍ଦୋଳନର ପ୍ରବର୍ତ୍ତକ ବିଶିଷ୍ଟ ସାହିତ୍ୟିକ, ସମାଜସେବୀ, ଶ୍ରମିକନେତା ଶ୍ରୀଯୁକ୍ତ ମାୟାଧର ନାୟକଙ୍କ ଶୀତ ଅଭିଯାନରେ ଅନୁପ୍ରାଣିତ ହୋଇ 'ଉତ୍ର' ଚାରିଟେବୁଲ ଟ୍ରଷ୍ଟ ତରଫରୁ ଚଳିତ ବର୍ଷ ପୁରୁଣା ବସ୍ତ୍ର ଏବଂ ନୂତନ ବସ୍ତ୍ର ସଂଗ୍ରହ ଅଭିଯାନ ଗତ ୨୪ ତାରିଖ ଅପରାହ୍ନରେ ଭୁବନେଶ୍ୱର ସହିଦ୍‌ନଗର ସ୍ଥିତ ବିର୍ସା ମୁଣ୍ଡା ବସ୍ତିଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିବା ସହିତ ବସ୍ତିର ସମସ୍ତ ପରିବାରକୁ ଶୀତବସ୍ତ୍ର (କମ୍ବଳ) ପ୍ରଦାନ କରାଯାଇଥିଲା। କିଛି ବର୍ଷ ହେବ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁରୁଣା ଓ ନୂତନ ବସ୍ତ୍ର ସଂଗ୍ରହ କରାଯାଇ ଗରିବ ଲୋକମାନଙ୍କ ମଧ୍ୟରେ ବଂଟନ କରାଯାଉଅଛି। ଲୋକମାନଙ୍କର ଅଭୂତପୂର୍ବ ସମର୍ଥନ ଦେଖି ଏହି କାର୍ଯ୍ୟକ୍ରମକୁ ବର୍ଷସାରା ଚଳାଇବା ପାଇଁ ଉତ୍ର ପରିବାର ପକ୍ଷରୁ ନିଷ୍ପତି ନିଆଯାଇଛି ବୋଲି 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ ଘୋଷଣା କରିଥିଲେ। ଗତକାଲିଠାରୁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ପାରାଦ୍ୱୀପ, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ, ମୁମ୍ବାଇ, କୋଲକତା, ପୁନେ, ହାଇଦ୍ରାବାଦଠାରେ 'ଉତ୍ର' ପରିବାରର ସଦସ୍ୟମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଅଛି। ଯେଉଁମାନଙ୍କର ପିନ୍ଧିବାକୁ ବସ୍ତ୍ର ଖଣ୍ଡେ ନାହିଁ ସେମାନଙ୍କ ପାଖରେ ଖଣ୍ଡେ ବସ୍ତ୍ର ପହଂଚାଇ ସେମାନଙ୍କ ମୁହଁରେ ହସ ଫୁଟାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। 'ଉତ୍ର' ଚାରିଟେବୁଲ ଟ୍ରଷ୍ଟ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଓ ପୁରୁଣା ବସ୍ତ୍ର ସଂଗ୍ରହ କରି ବିଭିନ୍ନ ଗରିବ ଶ୍ରେଣୀର ଲୋକମାନଙ୍କ ପାଖରେ ପହଂଚାଉଛି। ଯେଉଁମାନଙ୍କ ପାଖରେ ବଳକା ବସ୍ତ୍ର ଅଛି ସେମାନେ 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟର ଏହି ଅଭିଯାନରେ ଦେଇପାରିବେ। ଏହା ମାଧ୍ୟମରେ ଆପଣ ଆପଣଙ୍କ ପୁରୁଣା ବସ୍ତ୍ରକୁ ଦିଅନ୍ତୁ ଏକ ନୂତନ ଜୀବନ। ଏହି ମହତ କାର୍ଯ୍ୟରେ ସାମିଲ ହେବାକୁ ସମସ୍ତଙ୍କୁ 'ଉତ୍ର' ପକ୍ଷରୁ ନିବେଦନ କରାଯାଇଅଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟମର ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ମୋ ପରିବାରର ଅଧ୍ୟକ୍ଷ ପୂର୍ବତନ କମିଶନର ଅରୂପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। 'ଉତ୍ର' ଚାରିଟେବୁଲ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ, ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ପ୍ୟାରିସ୍ ବେକରୀ ଆଉଟ୍‌ଲେଟ୍‌ର ସ୍ୱତ୍ୱାଧିକାରୀ ବି.ଟି. ଭରଦ୍ୱାଜ, ସିନେ ତାରକା ସମରେଶ ରାଉତରାୟ, ବୁଲୁ, ଅଭିନେତ୍ରୀ ପୁନମ ମିଶ୍ର ଏବଂ 'ଉତ୍ର' ଚାରିଟେବୁଲ ଟ୍ରଷ୍ଟର ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଚରଣ ଭୋଳ, ଦେବୀପ୍ରସାଦ ମଙ୍ଗରାଜ, ସତ୍ୟ ସୁମନ, ପବନ ପାତ୍ରୋ, କିଶୋର ଦାସ, ଭାଗ୍ୟଧର ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୃଷିଉଦ୍ୟାନ ବିଭାଗର ଆଳୁ ବିହନ ବଂଟନ ବେଳେ ଉତେଜନା, ଅଧିକାରୀଙ୍କୁ ଘେରିଲେ ଚାଷୀ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ବିହନ ବଂଟନ ବେଳେ ଉତେଜନା ପ୍ରକାଶ ପଇଥିଲା। ପ୍ରକୃତ ଚାଷୀଙ୍କୁ ବିହନ ଯୋଗାଣରେ ଅନିୟମିତତା ଅଭିଯୋଗ କରି କୃଷି ଅଧିକାରୀଙ୍କ ସହିତ ଚାଷୀଙ୍କ ଯୁକ୍ତିତର୍କ ହୋଇଥିଲା। ଏପରିକି ବିହନ ବଂଟନ ଘଂଟାଏ କାଳ ବନ୍ଦ କରି ଅଧିକାରୀଙ୍କୁ ଘେରି ରଖିଲେ ଚାଷୀ। ଆଳୁ ବିହନ କାର୍ଯ୍ୟାଳୟ ପରିସରରେ ବଂଟନ କରାଯାଇ କୁମାରୀ ସ୍ଥିତ ଧର୍ମଶାଳା ମହିଳା ମହାବିଦ୍ୟାଳୟ ନିକଟ ରାସ୍ତାରେ ଟ୍ରକରୁ ଅନ୍ୟସବୁ ଛୋଟ ଗାଡ଼ିରେ ବିହନ ବସ୍ତା ଖଲାସ କରାଯିବାକୁ ନେଇ ଚାଷୀମାନେ ବିରୋଧ କରିଥିଲେ। ବିରୋଧ ଫଳରେ କୃଷି କାର୍ଯ୍ୟାଳୟ ନିକଟକୁ ବିହନ ଅଣାଯାଇ ବଂଟନ କରାଯାଇଥିଲା। ତଥାପି ପୂର୍ବରୁ ଅନ୍‌ଲାଇନରେ ଆବେଦନ କରିଥିବା ବହୁ ଚାଷୀ ବିହନ ନପାଇ ଫେରିଯାଇଥିବା ଜଣାପଡିଛି। ସୂଚନା ଅନୁସାରେ, ଧର୍ମଶାଳା ବ୍ଲକ ଅଞ୍ଚଳର ଚାଷୀମାନେ ଆଳୁ ବିହନ ପାଇଁ 'ଗୋ ସୁଗମ' ପୋର୍ଟାଲରେ ଅନ୍‌ଲାଇନ ଯୋଗେ ଆବେଦନ କରିଥିଲେ। ବ୍ଲକ ପାଇଁ ପାଖାପାଖି ୧୫୦୦ କ୍ୱିଂଟାଲ ବିହନର ଆବଶ୍ୟକତା ରହିଥିବା ବେଳେ ଏଠାକୁ ୩୦୦ କ୍ୱିଂଟାଲ ବିହନ ଆସିଥିଲା। ତେବେ ଆବଶ୍ୟକତାଠାରୁ ମାତ୍ର ୨୫ ପ୍ରତିଶତ ବିହନ ଯୋଗାଇ ଦିଆଯାଇଥିବାରୁ କାହାକୁ ଦେବେ କାହାକୁ ନଦେବେ ତାକୁ ନେଇ ତାଲିକା ପ୍ରସ୍ତୁତ କରିବା ନିଷ୍ପତି ନେବା ଉଦ୍ୟାନ କୃଷି ଅଧିକାରୀ ମଧ୍ୟରେ କଷ୍ଟସାଧ ହୋଇଥିଲା। ତେବେ ବିହନ ନପାଇଥିବା ଚାଷୀମାନେ ଘଟଣାସ୍ଥଳରେ ହୋହଲ୍ଲା କରିଥିଲେ। ଏହି ବିହନ ବୋଝେଇ ଟ୍ରକଟି ଅଧିକ ଲୋଡ୍ ଥିବାରୁ ପାହାଡ ରାସ୍ତା ଚଢ଼ି କାର୍ଯ୍ୟାଳୟ ପରିସରକୁ ଯିବା ପାଇଁ ସମ୍ଭବ ନଥିବାରୁ ମହିଳା କଲେଜ ରାସ୍ତାରେ ଆସି ରହିଥିଲା। ସେଠାରେ ବଡଚଣା କୃଷି ବିଜ୍ଞାନ କେନ୍ଦ୍ରର ଜଣେ ବୈଜ୍ଞାନିକ ଆସି ଆଳୁ ବିହନ ମାନ ଦେଖିଥିଲେ। ଏହାପରେ କୃଷି ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଓ ଧର୍ମଶାଳା ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ଶୁଭଦର୍ଶିନୀଙ୍କ ଉପସ୍ଥିତିରେ ସେଠାରେ କ୍ଲଷ୍ଟର ୱାରି ବିହନ ବଂଟନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକୁ ନେଇ ବିହନରୁ ବଂଚିତ ଛୋଟ ଚାଷୀମାନେ ବିରୋଧ କରିବା ସହ ଅଧିକାରୀଙ୍କୁ ଦୀର୍ଘ ସମୟ ଘେରାଉ କରି ରଖିଥିଲେ। ବାଧ ହୋଇ ଆଳୁ ଟ୍ରକକୁ ନୂଆଗାଁ ସ୍ଥିତ କାର୍ଯ୍ୟାଳୟ ନିକଟକୁ ନିଆଯାଇ ଅବଶିଷ୍ଟ ଆଳୁ ବିହନକୁ ପୁନର୍ବାର ତାଲିକା ପ୍ରସ୍ତୁତ କରାଯାଇ ବଂଟନ କରାଯାଇଥିଲା। ଗତକାଲି ମର୍ଜତାପୁର, ରେଖିଦେଇପୁର, ଜେନାପୁର, ରାଇଛନ୍ଦା, କବାଟବନ୍ଧ ଆଦି ପଞ୍ଚାୟତକୁ ୨୫୦ କ୍ୱିଂଟାଲ ବିହନ ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୫୦ କ୍ୱିଂଟାଲ ବିହନକୁ ହୋହାଲ୍ଲା କରିଥିବା ଛୋଟ ଚାଷୀମାନଙ୍କୁ ଦିଆଯାଇଥିବା ଜଣାଯାଇଛି।

# ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୯୭ତମ ଜନ୍ମଜୟନ୍ତୀ ପାଳିତ



ଦର୍ପଣ (ପିଏନ)- ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ଚଣ୍ଡୀଖୋଲ ପକ୍ଷରୁ ନିଶିମଳା ସାଇ ମନ୍ଦିର ପରିସରରେ ୯୭ତମ ଜନ୍ମଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ଭଜନମଣ୍ଡଳୀର ଆଶ୍ରିତମାନଙ୍କ ଦ୍ୱାରା ଓଁକାର ଉଚ୍ଚାରଣ କରାଯାଇ ଗ୍ରାମ ପରିଭ୍ରମଣ କରାଯାଇଥିଲା। ପ୍ରଭାତରେ ବାବାଙ୍କ ଫୋଟୋ ଚିତ୍ର ସମ୍ମୁଖରେ ଷୋଡଶ ଉପଚାର ପୂଜା ସହିତ ସାଇ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ସାଇ ଆଶ୍ରିତମାନେ ବଡ଼ଚଣା ସ୍ଥିତ ଜେମାଦେଇପୁର ଶାସନରେ ଥିବା ଆମ ଘରର କୁନି କୁନି ପିଲାମାନଙ୍କୁ ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ସାଇ ମନ୍ଦିରରେ ବାବାଙ୍କ ନିକଟରେ ୯୭ଟି ଦୀପ ପ୍ରଜ୍ୱଳନ କରାଯାଇ ଆଳତି ପ୍ରଦାନ କରାଯାଇଥିଲା। ପରେ ଭଜନକୀର୍ତନ କରାଯାଇ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମଦିନ ଉପଲକ୍ଷେ ଏକ କେକ୍ କଟାଯାଇ ବାବାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀର ଆବାହକ ପ୍ରଭାତ କୁମାର ଜେନା, ସାଇଆଶ୍ରିତ ଶିବରାମ ସାହୁ, ପ୍ରଦୀପ ଜେନା, ଦୁଷ୍ମନ୍ତ ଖିଲାର, ମଦନମୋହନ ବଳ, ବୀରକିଶୋର ଖଣ୍ଡାଇ, ଅଶାନ୍ତ ମଲିକ, ବନମାଳୀ ସେନାପତି, ଆକାଶ କୁମାର ସାହୁ, ବାଲ ବିକାଶ କେନ୍ଦ୍ରର ଗୁରୁମା ପ୍ରଭାସିନୀ ଖିଲାର, ହେମନ୍ତ ନାୟକ, ଶୈଳବାଳା, ଝୁନୁ ପ୍ରମୁଖ ଶତାଧିକ ସାଇଆଶ୍ରିତ ଯୋଗଦେଇ ଉତ୍ସବକୁ ମୁଖରିତ କରିଥିଲେ। ସେହିପରି ଚଣ୍ଡିଖୋଲ ନିକଟସ୍ଥ ସାଇଆଶ୍ରିତ ଆନୁକୂଲ୍ୟରେ ସତ୍ୟସାଇ ବାବାଙ୍କର ୯୭ତମ ଜୟନ୍ତୀ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପ୍ରଭାତରୁ ଓଁକାର, ସୁପ୍ରଭାତମ, ବେଦପାଠ, ନଗର ସଂକୀର୍ତ୍ତନ କରାଯାଇ ରୀତିନୀତି ଅନୁସାରେ ବାବାଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବଡଚଣାସ୍ଥିତ ଅନାଥ ଆଶ୍ରମର ଅନ୍ତେବାସୀଂକୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଦରିଦ୍ରନାରାୟଣଙ୍କ ସେବା ଉଦ୍ଦେଶ୍ୟରେ ଅସହାୟମାନଙ୍କୁ କମ୍ବଳ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ବାବାଙ୍କ ଫୋଟୋ ନିକଟରେ ଦୀପ ପ୍ରଜ୍ୱଳନ, ବେଦପାଠ, ସାଇ ଭଜନ, ସତ୍‌ସଂଗ, ନୃତ୍ୟ ସହିତ ବାଲ ବିକାଶ ପିଲାଙ୍କ ଦ୍ୱାରା ଆୟୋଜିତ ନାଟକ ପରିବେଷଣ କରାଯାଇଥିଲା। ଶେଷରେ ବାବାଙ୍କ ନିକଟରେ ୯୭ଟି ଦୀପ ଲଗାଇ ଆଳତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆବାହକ ବ୍ରହ୍ମାନନ୍ଦ ପଣ୍ଡା, ସଂଜୀବ କୁମାର ଜେନା, ପ୍ରଫୁଲ୍ଲ କୁମାର ବେହେରା, କାର୍ତିକ ଚନ୍ଦ୍ର ଜେନା, ସଂଜୀବ ହୋତା ଓ ଶ୍ରୀକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ ପରିଚାଳକ ସନ୍ତୋଷ କୁମାର ମହାପାତ୍ର ଓ ହିମାଂଶୁ ପରିଡା ଯୋଗଦେଇ ବାବାଙ୍କ ଆଶିଷ ଭିକ୍ଷା କରିଥିଲେ। ଅମୂଲ୍ୟ କୁମାର ପଣ୍ଡା ଓ ପଣ୍ଡିତ ଶିଶିର କୁମାର ରଥ ବାବାଙ୍କ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

# କବି ସୁନୀଲ ମିଶ୍ରଙ୍କ ମାତୃବିୟୋଗ



ବାଙ୍କୀ (ପିଏନ୍): ବାଙ୍କୀ ପଥୁରୀପଡ଼ାର ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସମାଜବାଦୀ ଓ ଶ୍ରମିକ ନେତା ସ୍ୱର୍ଗତଃ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ଧର୍ମପତ୍ନୀ ଦୁର୍ଗାଦେବୀଙ୍କର ୮୨ ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ସେ ଅସୁସ୍ଥ ଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପା□ ଝିଅ ନଳିନୀ, ଅଞ୍ଜଳି, ପୁଷ୍ପାଞ୍ଜଳି, ଶ୍ରଦ୍ଧାଞ୍ଜଳି, ସ୍ମିତାଞ୍ଜଳି, ଦୁଇ ପୁଅ ସୁନୀଲ ମିଶ୍ର, ଅନୀଲ ମିଶ୍ର, ନାତି ନାତୁଣୀ, ଜ୍ୱାଇଁ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟିକ୍ରିୟା ସମାପନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସୁ-ସାହିତ୍ୟିକ, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସ୍ଥାନୀୟ ସରପ□ ଅଶୋକ କୁମାର ମିଶ୍ର ଏବଂ ବହୁ ସ୍ଥାନୀୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସୀତାଂଶୁ ମହାରଣା, କବି କୌଶିକ ନାୟକ, କବି ସୁଧାଂଶୁ ପାଣିଗ୍ରାହୀ, ସଦାଶିବ ଦାସ, ଧନେଶ୍ୱର ବଳିଆରସିଂହ, ବିଜୟ ପ୍ରତିହାରୀ, ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀ, ଆଲୋକ କୁମାର ପ୍ରଧାନ ଓ ବହୁ ଶିକ୍ଷକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ ବୋଲି ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବାଣୀପୀଠ ହୀରକ ଜୟନ୍ତୀ ଓ ଗୋକର୍ଣ୍ଣିକା ସମାବର୍ତନରେ ଯୋଗଦେବେ ରାଜ୍ୟପାଳ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳ ପୁରାତନ ଶିକ୍ଷାନୁଷ୍ଠାନ ବାଣୀପୀଠର ହୀରକ ଜୟନ୍ତୀ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜର ବାର୍ଷିକ ସମାବର୍ତନ ଉତ୍ସବରେ ଯୋଗଦେବା ପାଇଁ ମହାମହିମ ରାଜ୍ୟପାଳ ସମ୍ମତି ପ୍ରକାଶ କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ବାଣୀପୀଠ ପୁରାତନ ଛାତ୍ର ସଂସଦର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡାକ୍ତର ବିଜୟ କୁମାର ଶତପଥୀ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂ ରାଜ୍ୟପାଳ ଭବନରେ ଗତକାଲି ମହାମହିମ ରାଜ୍ୟପାଳ ଗଣେଶୀଲାଲଙ୍କୁ ଭେଟି ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ଗୋକର୍ଣ୍ଣିକା ପତ୍ରିକାର ବିଶେଷ ସଂଖ୍ୟାକୁ ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ପ୍ରଦାନ କରାଯାଇଥିଲା ଆସନ୍ତା ଡିସେମ୍ବର ମାସର ଶେଷ ସପ୍ତାହରେ ହେବାକୁ ଥିବା ବାଣୀପୀଠର ହୀରକ ଜୟନ୍ତୀ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ବାର୍ଷିକ ସମାବର୍ତନ ଉତ୍ସବରେ ମହାମହିମ ରାଜ୍ୟପାଳ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ଜଣାଯାଇଛି।

# ପିକଅପ୍ ଭ୍ୟାନ୍ ଧକ୍କାରେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥ ରଥିଆ ନିକଟରେ ଗତକାଲି ସକାଳେ ପିକଅପ ଭ୍ୟାନ ଧକ୍କାରେ ଜଣେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ପଂଜାବ ପଠାନକୋଟ ଅଂଚଳର ଗୁରବିନ୍ଦର ସିଂ (୫୨) ବୋଲି ଜଣାପଡିଛି। ଗତକାଲି ସକାଳେ ପିବି-୩୫-କ୍ୟୁ-୪୪୮୧ ଟ୍ରକର ଡ୍ରାଇଭର ଗୁରବିନ୍ଦର ରଥିଆ ନିକଟରେ ଗାଡି ରଖି ଚା ପିଇବା ପାଇଁ ରାସ୍ତା ପାରିହେଉଥିବା ବେଳେ ଦ୍ରୁତଗତିରେ ଯାଉଥିବା ଓଡି-୦୭-୭୧୫୮ ନଂ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ପୁଲିସ ୬୪୪/୨୨ରେ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନ ଡ୍ରାଇଭର ସଂଗ୍ରାମ ପାତ୍ର (୨୪)କୁ ଗତକାଲି ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଏସଆଇ ବିଭୁତି ମହାପାତ୍ର ସୂଚନା ଦେଇଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




## ବିଜେଡି କର୍ମୀଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କର: ବିଜେଡ଼ି

ଭୁବନେଶ୍ୱର: ରାଜନୈତିକ ଆକ୍ରୋଶ ରଖି ବିଜେଡି କର୍ମୀ ସଞ୍ଜୁ ବରିହାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ବିଜେପି କର୍ମୀଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଛନ୍ତି ବିଜେଡି ନେତ୍ରୀ ଶ୍ରୀମତୀ ଶ୍ରୀମୟୀ ମିଶ୍ର । ଶ୍ରୀମତୀ ମିଶ୍ର କହିଛନ୍ତି ଯେ ଗତକାଲି ପଦ୍ମପୁର ବ୍ଲକର ଦହିଗାଁ ପଂଚାୟତ ଅର୍ନ୍ତ ବୁବୁଦା ଗ୍ରାମରେ ବିଜେପି କର୍ମୀ ରିଙ୍କୁ ମେହେର ଓ ତାଙ୍କ ସହଯୋଗୀଙ୍କ ମରଣାନ୍ତକ ଆକ୍ରମଣରେ ସଞ୍ଜୁ ବରିହା ନାମକ ଜଣେ ବିଜେଡି କର୍ମୀ ଗୁରୁତର ଭାବେ ଆହତ ହୋଇଛନ୍ତି । ବିଜେଡି କର୍ମୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ଏବଂ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବର୍ତମାନ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମସାର)କୁ ସ୍ଥାନାନ୍ତର କରାଯାଇଛି । ଶ୍ରୀ ବରିହାଙ୍କ ଉପରେ ଏହି ମରଣାନ୍ତକ ଆକ୍ରମଣ କରିଥିବା ବିଜେପି କର୍ମୀ ରିଙ୍କୁ ମେହେର ଏବଂ ଅନ୍ୟ ବିଜେପି କର୍ମୀଙ୍କୁ ତୁରନ୍ତ ଗିରଫ କରିବାକୁ ଆମେ ଦାବି କରୁଛୁ ।

ଏହି ସମୟରେ ଆମେ ଆପଣଙ୍କୁ ମନେ ପକାଇବାକୁ ଚାହୁଁଛୁ ଯେ ବରଗଡ ଜିଲ୍ଲାରେ ୨୦୧୮ ହୋଇଥିବା ବିଜେପୁର ଉପନିର୍ବାଚନ ସମୟରେ ଦୁଇ ବିଜେପି ନେତା ବିଜେଡି ବିଧାୟକ ଶ୍ରୀ ସୁଶାନ୍ତ ସିଂହଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଦୁଇ ବିଜେପି ନେତା ଏବେ ପଦ୍ମପୁର ଉପନିର୍ବାଚନରେ ବିଜେପିର ଷ୍ଟାର ପ୍ରଚାରକ ସାଜିଛନ୍ତି । ଏହି ଜଘନ୍ୟ ଅପରାଧ ପାଇଁ ସେମାନେ ଜେଲରେ ଥିଲେ ଏବଂ ବର୍ତମାନ ଜାମିନରେ ଆସି ବିଜେପି ପାଇଁ ପ୍ରଚାର କରୁଛନ୍ତି । ଏହା ଦର୍ଶାଉଛି ଯେ ଜଘନ୍ୟ ଅପରାଧରେ ଜଡିତ ବିଜେପିର ଏହି ଅଭ୍ୟାସଗତ ଅପରାଧିମାନେ ଉପନିର୍ବାଚନର କ୍ଷତି ଭରଣା ପାଇଁ ହିଂସାକାଣ୍ଡ ଭିଆଇବେ ।

ସଞ୍ଜୁ ବରିହାଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ସମ୍ପର୍କରେ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଏବଂ ଆବେଦନ ମଧ୍ୟ ଦାଖଲ କରିଥିବା ଶ୍ରୀମତୀ ମିଶ୍ର ସୂଚନା ଦେଇଛନ୍ତି ।

### ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ

## ଦିବଙ୍ଗତ ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କ ପାଇଁ ଶୋକ ପ୍ରସ୍ତାବ ପାରିତ ହେବା ପରେ ପ୍ରଥମାର୍ଧ ବୈଠକ ସ୍ଥଗିତ

ଭୁବନେଶ୍ୱର:ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆଜି ଠାରୁ ଆରମ୍ଭ ହୋଛି । ଆଜି ପ୍ରଥମ ଦିନରେ ଦିବଙ୍ଗତ ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କ ପାଇଁ ଶ୍ରଦ୍ଧାଂଜଳି ଅର୍ପିତ କଲା ପରେ ପ୍ରଥମାର୍ଧ ବୈଠକ ସ୍ଥଗିତ ହୋଇଛି ।

ଆଜି ପ୍ରଥମ ଦିବସ ହୋଇଥିବା କାରଣରୁ ନିର୍ଧାରିତ କାର୍ଯ ସୂଚୀ ଅନୁସାରେ ଦିନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଜାତୀୟ ସଂଗୀତ ପରେ ବାଚସ୍ପତି ଦିବଙ୍ଗତ ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଣିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ ।

ଏହା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୀନ ବିଧାୟକ ଓ ପୂର୍ବତନ ମନ୍ତ୍ରୀ ବିଜୟ ରଂଜନ ସିଂହ ବରିହା, ଆସୀନ ବିଧାୟକ ବିଷ୍ଣୁ ଚରଣ ସେଠୀ, ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାୟକ, ପୂର୍ବତନ ବିଧାୟକ କପିଲ ନାରାୟଣ ତିୱାରୀ, ଗୋପ ନାରାୟଣ ଦାସ, ଆଦିକନ୍ଦ ସେଠୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଣିଥିଲେ । ଏହା ପରେ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ସିପିଏମ ସଭ୍ୟ ଲକ୍ଷ୍ମଣ ମୁଣ୍ଡା ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ । ଏହା ପରେ ଶୋକ ପ୍ରସ୍ତାବ ପାରିତ କରାଯିବା ସହ ଦିବଙ୍ଗତ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଆତ୍ମାର ସଦଗତି କାମନା ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା । ଏହା ପରେ ବିଧାନସଭା ବାଚସ୍ପତି ଗୃହକୁ ଅପରାହ୍ନ ୫ଟା ଯାଏ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ ।

### ଗୋଆ ରୋଜଗାର ମେଳାକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

## ସ୍ୱୟଂ ସମ୍ପୂର୍ଣ୍ଣ ଗୋଆର ଲକ୍ଷ୍ୟ ହେଉଛି ରାଜ୍ୟରେ ମୌଳିକ ସୁବିଧାରେ ଉନ୍ନତି ଆଣିବା ସହିତ ଭିତ୍ତିଭୂମିରେ ବିକାଶ କରିବା

ପାଣାଜୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ ବାର୍ତା ମାଧ୍ୟମରେ ଗୋଆ ସରକାରଙ୍କ ରୋଜଗାର ମେଳାକୁ ସମ୍ବୋଧିତ କରିଛନ୍ତି ।ପ୍ରଧାନମନ୍ତ୍ରୀ ଧନତେରସ ଅବସରରେ କେନ୍ଦ୍ରୀୟ ସ୍ତରରେ ରୋଜଗାର ମେଳାର ଶୁଭାରମ୍ଭ କରିଥିଲେ । କେନ୍ଦ୍ର ସ୍ତରରେ ୧୦ ଲକ୍ଷ ଚାକିରି ଯୋଗାଇବା ପାଇଁ ଏହି ଅଭିଯାନର ଆରମ୍ଭ କରାଯାଇଥିଲା । ସେବେଠାରୁ ପ୍ରଧାନମନ୍ତ୍ରୀ ଗୁଜରାଟ, ଜାମ୍ମୁ ଓ କାଶ୍ମୀର ଏବଂ ମହାରାଷ୍ଟ୍ର ସରକାରଙ୍କ ରୋଜଗାର ମେଳାକୁ ସମ୍ବୋଧିତ କରିବା ସହ ବିଭିନ୍ନ ସରକାରୀ ବିଭାଗର ସମସ୍ତ ନୂତନ ନିଯୁକ୍ତ ବ୍ୟକ୍ତିଙ୍କ ପାଇଁ ଅନ୍‌ଲାଇନ୍ ଓରିଏଣ୍ଟେସନ୍ ପାଠ୍ୟକ୍ରମ ପାଇଁ ଗୋଟିଏ ଦିନ ପୂର୍ବରୁ କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ୍ ମଧ୍ୟ ଆରମ୍ଭ କରିଥିଲେ ।

ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନିଯୁକ୍ତିପତ୍ର ପାଇଥିବା ଯୁବକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଗୋଆ ସରକାର ନିଯୁକ୍ତି କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ଆସନ୍ତା ମାସରେ ଗୋଆ ପୋଲିସ ଏବଂ ଅନ୍ୟାନ୍ୟ ବିଭାଗରେ ଅଧିକ ନିଯୁକ୍ତି ପ୍ରକ୍ରିୟା ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଏହା ଗୋଆ ପୋଲିସ ଫୋର୍ସକୁ ମଜବୁତ କରିବ ଏବଂ ନାଗରିକ ତଥା ପର୍ଯ୍ୟଟକଙ୍କ ପାଇଁ ଏକ ଉନ୍ନତ ସୁରକ୍ଷା ବ୍ୟବସ୍ଥା ସୃଷ୍ଟି କରିବ ବୋଲି ସେ କହିଛନ୍ତି ।

ଗତ କିଛି ସପ୍ତାହ ଧରି ଦେଶର ବିଭିନ୍ନ ରାଜ୍ୟରେ ନିରନ୍ତର ନିଯୁକ୍ତି ମେଳା ଆୟୋଜନ କରାଯାଉଥିବାବେଳେ କେନ୍ଦ୍ର ସରକାର ମଧ୍ୟ ହଜାର ହଜାର ଯୁବକଙ୍କୁ ଚାକିରୀ ଯୋଗାଇ ଦେଉଛନ୍ତି ବୋଲି ଶ୍ରୀ ମୋଦୀ କହିଥିଲେ । ଯୁବ ସଶକ୍ତିକରଣ ପାଇଁ ନିଜ ସ୍ତରରେ ଏଭଳି ଚାକିରି ମେଳା ଆୟୋଜନ ପାଇଁ ଡବଲ-ଇଞ୍ଜିନ ସରକାର ଦ୍ୱାରା ପରିଚାଳିତ ରାଜ୍ୟଗୁଡ଼ିକର ପ୍ରୟାସରେ ପ୍ରଧାନମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ସୂଚାଇ ଦେଇଛନ୍ତି ଯେ ଗତ ୮ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଗୋଆର ବିକାଶରେ ହଜାର ହଜାର କୋଟି ଟଙ୍କା ନିବେଶ କରିଛନ୍ତି । ପ୍ରାୟ ୩୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ମୋପା ଠାରେ ଖୁବଶୀଘ୍ର ଉଦଘାଟିତ ବିମାନବନ୍ଦରର ସମ୍ପର୍କରେ ସୂଚନା ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଗୋଆର ହଜାର ହଜାର ଲୋକଙ୍କ ପାଇଁ ଏକ ପ୍ରମୁଖ ନିଯୁକ୍ତି ଉତ୍ସ ହୋଇପାରିଛି । ରାଜ୍ୟରେ ଚାଲିଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯାଉଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ "ସ୍ୱୟଂ ସମ୍ପୂର୍ଣ୍ଣ ଗୋଆ" ର ଦୂରଦୃଷ୍ଟି ହେଉଛି ରାଜ୍ୟରେ ମୌଳିକ ସୁବିଧାରେ ଉନ୍ନତି ଆଣିବା ସହିତ ଭିତ୍ତିଭୂମିରେ ଉନ୍ନତି ଆଣିବା । ଗୋଆ ପର୍ଯ୍ୟଟନ ମାଷ୍ଟର ପ୍ଲାନ ଏବଂ ନୀତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଗୋଆର ବିକାଶ ପାଇଁ ରାଜ୍ୟ ସରକାର ଏକ ନୂତନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ଯାହା ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି ଏବଂ ଏହାଦ୍ୱାରା ବହୁ ସଂଖ୍ୟାରେ ନିଯୁକ୍ତି ବୃଦ୍ଧି ପାଇବ । ପାରମ୍ପରିକ ଚାଷରେ ନିଯୁକ୍ତି ବୃଦ୍ଧି ପାଇଁ ଗୋଆର ଗ୍ରାମାଞ୍ଚଳକୁ ଆର୍ଥିକ ସାମର୍ଥ୍ୟ ଦେବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ ଧାନ, ଫଳ ପ୍ରକ୍ରିୟାକରଣ, ନଡିଆ, ଝୋଟ, ମସଲା ଉତ୍ପାଦନ କରୁଥିବା କୃଷକମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଜଡିତ ଅଛନ୍ତି । ଏହି ପ୍ରୟାସ ଗୋଆରେ ରୋଜଗାର ଏବଂ ଆତ୍ମନିଯୁକ୍ତି ପାଇଁ ଅନେକ ନୂତନ ସୁଯୋଗ ସୃଷ୍ଟି କରୁଛି ।

ଗୋଆର ବିକାଶ ତଥା ଦେଶର ବିକାଶ ପାଇଁ କାର୍ଯ୍ୟ କରିବାକୁ ନୂତନ ନିଯୁକ୍ତ ଲୋକଙ୍କୁ ଅନୁରୋଧ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆପଣଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୨୫ ବର୍ଷ ବର୍ତ୍ତମାନ ଆରମ୍ଭ ହେବାକୁ ଯାଉଛି । ଏକ ବିକଶିତ ଭାରତର ଦୃଷ୍ଟିକୋଣକୁ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନ ସମାପ୍ତ କରି ୨୦୪୭ ର ଏକ ନୂତନ ଭାରତର ଲକ୍ଷ୍ୟ ରଖିଥିଲେ । "ଗୋଆର ବିକାଶ ସହିତ ଆପଣଙ୍କର ୨୦୪୭ ମସିହାର ନୂଆ ଭାରତର ଲକ୍ଷ୍ୟ ରହିଛି । ମୁଁ ନିଶ୍ଚିତ ଯେ ଆପଣ ସମସ୍ତେ ପୂର୍ଣ୍ଣ ନିଷ୍ଠା ଓ ତତ୍ପରତା ସହିତ ଆପଣଙ୍କର କର୍ତ୍ତବ୍ୟର ପଥ ଅନୁସରଣ କରିବେ " ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

## ପାରିବାରିକ କଳହକୁ ନେଇ ହତ୍ୟା ଅଭିଯୋଗ

ଭଦ୍ରକ:ଭଦ୍ରକ ଜିଲା ପୀରହାଟ ଥାନା ଦୌଲତପୁର ପଂଚାୟତ ଅଧିନ ଖେଦରପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ପାରିବାରିକ କଳହକୁ ନେଇ ଗଣ୍ଡଗୋଳ ଉପୁଜିଥିଲା । ଏହି ଗଣ୍ଡଗୋଳରେ ବାବୁଆ ଦାସ(୫୦) ନାମକ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପରିବାର ଲୋକ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ବାବୁଆ ଦାସଙ୍କ ମା' ବେଙ୍ଗ ଦାସଙ୍କ ଅଭିଯୋଗ କ୍ରମେ ପୁଲିସ ୧୯୬/୨୨ ଦଫା ୩୦୨, ୩୦୭, ୩୨୩, ୩୨୪, ୩୨୫, ୩୨୬, ୩୪୨, ୫୦୬ ଓ ୩୪ ଆଇପିସି ବଳରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ଖେଦରପୁର ଗ୍ରାମର ବାବୁଆ ଦାସ ଓ ତାଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ପାରିବାରିକ କଳହ ଲାଗି ରହିଥିଲା । ବୁଧବାର ରାତିରେ ଏହିକଳହ ଉଗ୍ରରୂପ ନେଇଥିଲା । ଯାହାଫଳରେ ବାବୁଆ ଦାସଙ୍କୁ ତାଙ୍କ ପତ୍ନୀ, ତିନି ପୁଅ ଓ ଝିଅ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ବାବୁଆ ଗୁରୁତର ଆହତ ହୋଇଥିଲେ । ବାବୁଆଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତିହିଡ଼ି ପରେ ଭଦ୍ରକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାବୁଆଙ୍କର ଗୁରୁବାର ସକାଳେ ମୃତ୍ୟୁ ହୋଇଥିଲା । ଖବର ପାଇ ପୀରହାଟ ଥାନା ଆଇଆଇସି ଗୟାଧର ବେହେରା ଡାକ୍ତରଖାନାରେ ପହଂଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଗିରଫ ହୋଇନଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଛାନଭିନ ଚଳାଇଥିବା ଜଣାପଡ଼ିଛି ।

## ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ: ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନ କ୍ରମେ ଜିଲ୍ଲା ସଭାପତି ଅରବିନ୍ଦ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୭ ତାରିଖ ବିଧାନସଭା ଘେରାଓ ଆନ୍ଦୋଳନରେ ବହୁ ସଂଖ୍ୟାରେ ନୂତନ ପେନ୍‌ସନ୍‌ଧାରୀ ଶିକ୍ଷକ ମାନଙ୍କୁ ସାମିଲ କରିବା ନିମନ୍ତେ ଆଲୋଚନା କରାଯାଇଥିଲା । ବୈଠକ ପରେ ୭ଟି ବ୍ଲକର ଶିକ୍ଷକ ପ୍ରତିନିଧି ତଥା ଜିଲ୍ଲା ସଂଘର ପ୍ରତିନିଧିମାନେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସରକାର ୨୦୧୩ ଠାରୁ ଠିକା ପ୍ରଥାକୁ ଓଡ଼ିଶାରୁ ଉଚ୍ଛେଦ କରି ୬ଟି ଇନ୍‌କ୍ରିମେଂଟ ପ୍ରଦାନ କରିଥିବା ବେଳେ ପ୍ରାଥମିକ ଶିକ୍ଷକମାନଙ୍କୁ ଏହି ସୁବିଧାରୁ ବଂଚିତ କରିଛନ୍ତି । ପ୍ରାଥମିକ ଶିକ୍ଷକମାନେ ୨୦୦୧ରୁ ବିଭିନ୍ନ ପର୍ଯ୍ୟାୟରେ ଯୋଗ୍ୟତା ଆଧାରରେ ଓ.ଆର୍.ଭି ନିୟମ ଅନୁସାରେ ଜିଲ୍ଲାପାଳଙ୍କ ନିକଟରେ ଚୁକ୍ତି ମାଧ୍ୟମରେ ମାତ୍ର ୧୫୦୦ଟଙ୍କା ଦରମା ପାଇ ଶିକ୍ଷାଦାନ କରୁଥିଲେ । ୬ ବର୍ଷ ଶିକ୍ଷା ସହାୟକ ସମୟକୁ ଗଣନା କରାଯାଇ ୬ଟି ଇନ୍‌କ୍ରିମେ ପ୍ରଦାନ କରିବା ଦାବି କରି ରାଜ୍ୟ ସାରା ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି । ଭାରତ ବର୍ଷରେ ପଞ୍ଜାବ, ଦିଲ୍ଲୀ, ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ବିଭିନ୍ନ ରାଜ୍ୟରେ ପୁରୁଣା ପେନ୍‌ସନ୍ ଯୋଜନା ପୁନଃ ପ୍ରଚଳନ ହେଉଥିବା ବେଳେ ଓଡ଼ିଶା ସରକାର କର୍ମଚାରୀମାନଙ୍କୁ ପୁରୁଣା ପେନ୍‌ସନ୍ ପ୍ରଦାନ କରୁ ନାହାନ୍ତି । ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ସରକାରଙ୍କର ବୈମାତୃକ ମନୋଭାବର ପ୍ରତିବାଦ ନିମନ୍ତେ ଆସନ୍ତା ୨୭ ତାରିଖ ବିଧାନସଭା ସମ୍ମୁଖରେ ଆନ୍ଦୋଳନରେ ଭଦ୍ରକ ଜିଲ୍ଲାରୁ ସମସ୍ତ ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷକ-ଶିକ୍ଷୟତ୍ରୀ ସାମିଲ ହେବେ ବୋଲି ସମ୍ପାଦକ ପ୍ରଣୟ ମହାପାତ୍ର, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ ଖାନ୍, ମହାସଚିବ ଜ୍ୟୋତିର୍ମୟ ଅଗସ୍ତି, ଜାବେଦ ଅଖ୍ତର୍, ପ୍ରମୋଦ କର, ସଞ୍ଜୟ ନନ୍ଦ, ରୂପକ ମିଶ୍ର, ସତ୍ୟବ୍ରତ ରାଉତ, ଆଶିଷ ସାହୁ, ପ୍ରଦୀପ ସେଠୀ, ନିଳାଦ୍ରୀ ତ୍ରିପାଠୀ, ବୃନ୍ଦାବନ ବାରିକ, ପ୍ରକାଶ ନାୟକ, ଗୟାଧର ଦାସ, ପ୍ରଭାସ ପଣ୍ଡା, ନରେନ୍ଦ୍ର ସାହୁ, ବିମଳ ଦାସ, ସୁକାନ୍ତ ନାୟକ, ଚନ୍ଦ୍ରକାନ୍ତ ଶୁକ୍ଳ, ପରମେଶ୍ୱର ପୃଷ୍ଟି ପ୍ରମୁଖ ବହୁ ଶିକ୍ଷକ ନେତା ଦୃଢ ଦାବି କରିଛନ୍ତି ।

## ସ୍ୱାତୀ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଡସ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ:ଚଳିତ ବର୍ଷ ଫୁଲବାଣୀରେ ବିଶ୍ୱ ଏଡସ୍ ଦିବସ ପାଳନ ଅବ୍ୟବ୍ୟହିତ ପୂର୍ବରୁ ଏଡସ୍ ନିୟନ୍ତ୍ରଣ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଭୂବନେଶ୍ୱର ଙ୍କ ମିଳିତ ଉଦ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମେନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜିଲ୍ଲା ମଧ୍ୟରେ ରାଇକିଆ, ଜି.ଉଦୟଗିରି, ଖଜୁରିପଡା, ଫୁଲବାଣୀ, ଟିକାବାଲି, ଫିରିଙ୍ଗିଆ ଓ କେ.ନୂଆଗାଁ ଠାରେ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ସାରଙ୍ଗଡ ମହାବିଦ୍ୟାଳୟ ଠାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ୧୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇ ଏଚ୍.ଆଇ.ଭି ଶଂକ୍ରମଣ ର ଭୟାବହତା ଉପରେ ଚର୍ଚ୍ଚା କରିବା ସହ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ କରିବାର ଶପଥ ନେଇଥିଲେ । ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ପ୍ରକଳ୍ପ ନିର୍ଦ୍ଦେଶକ ମମତା ଦାସ ଓ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ କର ଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରାଯାଇଥିବା ବେଳେ ସ୍ନେହଲତା ନାୟକ , ସୀତା ରଣା ଓ କନକ ଲତା ପାତ୍ର ଏହାର ପରିଚାଳନା କରିଥିବା ଜଣାଯାଇଛି । ଆଗାମୀ ଦିନରେ ସଂକ୍ରମ ରୋକିବା ଓ ସଂକ୍ରମିତ ଚିହ୍ନଟ ହୋଇଥିବା ବ୍ୟକ୍ତିବିଶେଷ ଙ୍କ ସଠିକ ଚିକିତ୍ସା, ଯତ୍ନ ଉପରେ ଏହି ବୈଠକ ଗୁଡିକରେ ଗୁରୁତ୍ୱ ଦିଆଯିବ ବୋଲି ସଂପାଦକ ହରିଶଙ୍କର ରାଉତ କହିଥିଲେ । କଲେଜର ଅଦ୍ଧକ୍ଷ ଅଶୋକ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଏଡସ ଭଳି ମହାମାରୀ କୁ ରୋକିବାକୁ ହେଲେ ନିଜେ ନିଜକୁ ସୁରକ୍ଷିତ ରଖିବାକୁ ହେବ ନଚେତ୍ ନିଜର ଜୀବନକୁ ମୃତ୍ୟୁ ମୁଖରେ ପକାଇବା ହିଁ ସାର ହେବ ବୋଲି କହିଥିଲେ । ଏଭଳି କାର୍ଯ୍ୟକ୍ରମକୁ ମହବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀ ଙ୍କ ମହଲରେ ଭୁରିୟସି ପ୍ରସଂସା କରିଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବୈଠକ

କୋରେଇ: ପାଣିକୋଇଲି ସ୍ଥିତ ମା ତାରିଣୀ ମନ୍ଦିର ପରିସରରେ ନୂତନ ଅନୁଦାନ (ବ୍ଲକ ଗ୍ରାଂଟ) ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଗରୁଡ ଚନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ଶ୍ରୀମାନ୍ତ ରଂଜନ କୁମାର ପଣ୍ଡା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଯାଜପୁର ଜିଲ୍ଲାର ଓ କୋରାଇ ବ୍ଲକର କର୍ମକର୍ତା ନିର୍ବାଚିତ କରିଥିଲେ । ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଶିକ୍ଷାଦାନ ପରେ ଅବସର ସମୟରେ ଶିକ୍ଷକ ଓ କର୍ମଚାରୀ ମାନେ ଏହି ବର୍ଗର ବିଦ୍ୟାଳୟରୁ କିପରି ରିକ୍ତ ହସ୍ତରେ ଯାଉଛନ୍ତି ଓ ପରବର୍ତୀ ସମୟରେ କିପରି ଆର୍ଥିକ ଅନାଟନ ମଧ୍ୟରେ କାଳତିପାତ କରୁଛନ୍ତି ସେ ସମ୍ପର୍କରେ ରାଜ୍ୟ ସଭାପତି ଓ ସମ୍ପାଦକ ବିଷଦ ଆଲୋଚନା କରିଥିଲେ । ପରେ ସର୍ବ ସମ୍ମତି କ୍ରମେ ପ୍ରଭାତ ରଂଜନ ନନ୍ଦ (ସଭାପତି), ଚକ୍ରଧର ବାରିକ (ସମ୍ପାଦକ), ଅକ୍ଷୟ କୁମାର ସାମଲ (ଉପସଭାପତି), ମନୋରଂଜନ ସ୍ୱାଇଁ (ସହ ସମ୍ପାଦକ) ବାବାଜୀ ଚରଣ ମହାପାତ୍ର (କୋଷାଧ୍ୟକ୍ଷ) ଭାବେ ମନୋନୀତ ହୋଇଥିଲେ । ନୂତନ ଅନୁଦାନ ପ୍ରାପ୍ତ(ବ୍ଲକ ଗ୍ରାଂଟ) ବିଦ୍ୟାଳୟ ସମୂହରୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କ ପେନସନ ବ୍ୟବସ୍ଥା ନଥିବାରୁ ଏହି ବ୍ୟବସ୍ଥାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ଡିସେମ୍ବର ୧୨ ତାରିଖ ଭୁବନେଶ୍ୱର ଗାନ୍ଧୀ ମାର୍ଗ ଠାରେ କିପରି ମହାସଂଗ୍ରାମ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କ ନ୍ୟାର୍ଯ୍ୟ ଦାବି ଅବିଳମ୍ବେ ପୂରଣ ପାଇଁ ସରକାରଙ୍କୁ ନିବେଦନ କରିଥିଲେ ।

## ହାତୀପଲଙ୍କ ଉପଦ୍ରବ, ଦଳି ଚକଟି ନଷ୍ଟ କଲେ ପାଚିଲା ଧାନ ଓ କପା ; ଚିନ୍ତାରେ ଚାଷୀ

ଭବାନୀପାଟଣା: ଲାଞ୍ଜିଗଡରେ ନାକେଦମ୍ କଲେଣି ହାତୀପଲ । କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ କମର୍ଡ଼ା ଫରେଷ୍ଟ ବିଟରେ ହାତୀପଲଙ୍କ ଉପଦ୍ରବ ଯୋଗୁ ଚିନ୍ତାରେ ଚାଷୀ । ହାତୀପଲ ଦଳିଚକଟି ନଷ୍ଟ କରିଦେଲେ ଏକର ଏକର ପାଚିଲା ଧାନ ଫସଲ ଓ ଅମଳ ହୋଇଥିବା କପା । ଏବେ ଚଷା ପୁଅର କ୍ଷେତରେ ଧାନ ପାଚିଗଲାଣି ଓ କପା ମଧ୍ୟ କଡ ମେଲାଇ ଫୁଟିଲାଣି । ସେଥିପାଇଁ ହାତୀପଲଙ୍କ ନଜର ଏବେ ଧାନ କ୍ଷେତ ଓ କପା ଉପରେ ପଡିଛି । ସେଥିପାଇଁ ରାତି ଅନିଦ୍ରା ହୋଇ ଧାନକ୍ଷେତକୁ ଜଗିରହିଛି ଚାଷୀ । ତଥାପି ହାତୀପଲଙ୍କ କବଳରୁ ଫସଲକୁ ସୁରକ୍ଷା ଦେବା ସମ୍ଭବ ହେଉନାହିଁ । ଅମଳ ସମୟରେ ହାତୀପଲଙ୍କ ଉପଦ୍ରବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି । ସୋମବାର ବିଳମ୍ବିତ ରାତିରେ କମର୍ଡା ଗ୍ରାମପଂଚାୟତ ଉଲିଗୁଞ୍ଜେର ଗାଁରେ ୭ ଟିକିଆ ହାତୀପଲ ଉପଦ୍ରବ ଚଳାଇଥିଲେ । ଏକର ଏକର ଧାନଫସଲକୁ ଖାଇଯିବା ସହ, କପା ଚାଷକୁ ମଧ୍ୟ ଦଳିଚକଟି ନଷ୍ଟ କରିଦେଇଛନ୍ତି । ହାତୀପଲ ଧାନଫସଲ ଓ କପା ନଷ୍ଟ କରୁଥିଲେ ମଧ୍ୟ ହାତୀପଲଙ୍କୁ ଘଉଡାଇବାରେ ବନବିଭାଗ ବିଫଳ । ଏମିତି କି ଚାଷୀଙ୍କୁ ଫସଲର କ୍ଷତିପୂରଣ ମିଳୁନଥିବା ମଧ୍ୟ ଚାଷୀ ଅଭିଯୋଗ କରିଛନ୍ତି ।


MAHARISHI PUBLIC SCHOOL
ମା ନିତ୍ୟାନନ୍ଦ

# 2021-2022



# ADMISSION OPEN

## Maharishi Public School, Baripada

# STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


## ଚଳିତ ଋତୁରେ ୧୦୦ଟଙ୍କା ବୋନସ ଦିଅନ୍ତୁ ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର: ଶାସକ ଦଳର ମୁଖ୍ୟମନ୍ତ୍ରୀ ଲମ୍ବା ସମୟ ଧରି ମିଥ୍ୟା କହିବା ସହ ଶାସନରେ ରହି ଗୋଧି ଓ କୁମ୍ଭୀର ଚମଡାରେ ପରିବୃତ ହୋଇଯାଇଛନ୍ତି । ରାଜ୍ୟ ସରକାରଙ୍କୁ ଚାଷୀଙ୍କ ଦୁଃଖ ଦେଖାଯାଉନି । ଏମ୍‌ଏସ୍‌ପି ବାଦ୍ ରାଜ୍ୟ ସରକାର ଘୋଷଣା କରିଥିବା ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୧୦୦ଟଙ୍କାର ବୋନସ ଓ କାଳିଆ ଯୋଜନାରେ ଚାଷୀଙ୍କୁ ୧୦ହଜାର ଟଙ୍କା ଯଥାଶୀଘ୍ର ପ୍ରଦାନ କରନ୍ତୁ । ଯଦି ଏହି ଦୁଇ ପ୍ରସଙ୍ଗ ଉପରେ ରାଜ୍ୟ ସରକାର ପଦକ୍ଷେପ ନନିଅନ୍ତି ତାହାଲେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଓଡ଼ିଶାରେ ପାଦ ଥାପିବାକୁ ଚାଷୀକୂଳ ଦେବେ ନାହିଁ ବୋଲି ପ୍ରେସ ବାର୍ତା ଜରିଆରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭାରତୀୟ ଜନତା ପାର୍ଟି ଚାଷୀଙ୍କ ଲାଗି ଆଜିକୁ ୭ଦିନ ଧରି ବିଧାନସଭା ସମ୍ମୁଖରେ ଧାରଣାରେ ବସିଛନ୍ତି । ଏହି ସତ୍ୟାଗ୍ରହରେ ଆଜି କଟକ ଜିଲ୍ଲାର ଚୌଦ୍ୱାର, କଟକ ସଦର ଓ କଟକ ବାରବାଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚାଷୀ ଓ କାର୍ଯ୍ୟକର୍ତାମାନେ ରାଜ୍ୟ ସରକାରଙ୍କୁ ଘେରିଥିଲେ ।

ଓଡ଼ିଶାର ଜନସାଧାରଣ ଓ ଚାଷୀ ବହୁତ ସରଳ ବିଶ୍ୱାସୀ ହୋଇଥିବାରୁ ରାଜ୍ୟ ସରକାରଙ୍କ କୁମ୍ଭୀର କାନ୍ଦଣାକୁ ସହଜରେ ବିଶ୍ୱାସ କରୁଛନ୍ତି । ୨୦୧୬ମସିହାରେ ମୁଖ୍ୟମନ୍ତ୍ରୀ ସୋହେଲାରେ କହିଥିଲେ ଚାଷୀଙ୍କୁ ଏମ୍‌ଏସ୍‌ପି ଉପରେ ୧୦୦ଟଙ୍କା ବୋନସ ଦେବେ । କିନ୍ତୁ ଆଜିକୁ ୬ବର୍ଷ ବିତିଯାଇଥିଲେ ବି ଜଣେ ଚାଷୀ ବୋନସ ପାଇନାହାନ୍ତି ବରଂ ଅନ୍ୟ ରାଜ୍ୟର ଚାଷୀମାନେ ବୋନସ ପାଉଛନ୍ତି । ଚଳିତ ଋତୁରେ ରାଜ୍ୟ ସରକାର ଓଡ଼ିଶାର ଚାଷୀଙ୍କୁ ୧୦୦ଟଙ୍କା ବୋନସ ଦିଅନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ୨୦୧୮ମସିହାରେ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା ଘୋଷଣା କରି ୧୦ହଜାର ଟଙ୍କା ଦେବା ଘୋଷଣା କରିଥିଲେ । ୨୦୧୯ମସିହାର ନିର୍ବାଚନ ବୈତରଣୀ ପାର ହୋଇ ଚାଷୀଙ୍କୁ ଭୂଆଁ ବୁଲାଇ ସମସ୍ତ ଘୋଷଣା ଭୁଲି ଯାଇଥିଲେ । ନିର୍ବାଚନ ଆସିଲେ ରାଜ୍ୟ ସରକାରଙ୍କ ଚାଷୀଙ୍କ କଥା ମନେ ପକାଇ କାଳିଆ ଯୋଜନାର ୧୦ହଜାର ଟଙ୍କାରୁ ୪୦୦୦ଟଙ୍କା ଚାଷୀଙ୍କୁ ଚକଲେଟ୍ ଖାଇବା ଲାଗି ନବୀନ ଦେଇଥାନ୍ତି । ଚାଷୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏହି ହୀନ ପ୍ରୟାସ ଚଳିବ ନାହିଁ ଓ ଯଥାଶୀଘ୍ର ଚାଷୀଙ୍କର ୨ଟି ଦାବିକୁ ରାଜ୍ୟ ସରକାର ପାଳନ କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।




Bhubaneswar Saturday November 26, 2022 ଭୁବନେଶ୍ୱର ଶନିବାର, ନଭେମ୍ବର ୨୬,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# ପାରାଦୀପ କଲେଜ ବିକାଶରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସହଯୋଗିତା-କ୍ୟାଂଟିନ୍ ଓ ଇ ଲାଇବ୍ରେରୀର ଶିଳାନ୍ୟାସ



ପାରାଦୀପ,(ପି.ଏନ):ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଓ ମୋ କଲେଜ ଅଭିଯାନର ମିଳିତ ସହଯୋଗରେ ପାରାଦୀପ କଲେଜରେ ଏକ ନୂତନ କ୍ୟାଂଟିନ ଗୃହ ଓ ଇ ଲାଇବ୍ରେରୀ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶୁକ୍ରବାର ଦିନ ଏହି ଅବସରରେ ଏକ ଶିଳାନ୍ୟାସ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧିର,ଜେଏସଡବ୍ଲ୍ୟୁ ଟର୍ମିନାଲର ପ୍ରୋଜେକ୍ଟ ମୁଖ୍ୟ ପି.ସି.ଝାଂଜି,ଫାଉଣ୍ଡେସନର ଓଡିଶା ସିଏସଆର ମୁଖ୍ୟ ପ୍ରଶାନ୍ତ ବିଶ୍ୱାଳ,ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପାରାଦୀପ କଲେଜର ଅଧକ୍ଷା ଡ.ସସ୍ମିତା ଶତପଥି । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ମୋ କଲେଜ ଅଭିଯାନ ମାଧ୍ୟମରେ କୋଡିଏ ଲକ୍ଷ ଟଙ୍କା ଓ ମୋ କଲେଜ ଅଭିଯାନ ତରଫରୁ ଚାଳିଶ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସମୁଦାୟ ଷାଠିଏ ଲକ୍ଷ ଟଙ୍କାରରେ ପାରାଦୀପ କଲେଜର ସୁନ୍ଦର କ୍ୟାଂଟିନ୍ ଓ ଇ ଲାଇବ୍ରେରୀ ତିଆରି ହୋଇପାରିବ । କଲେଜ ମଧ୍ୟରେ ଏକ ଉନ୍ନତମାନର କ୍ୟାଂଟିନ୍ ନଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ଏହି କ୍ୟାଂଟିନ କାର୍ଯ୍ୟକ୍ଷମ ହେଲେ ଶହଶହ ଛାତ୍ରୀଛାତ୍ରୀ ଉପକୃତ ହୋଇପାରିବେ ବୋଲି ଜଣାପଡିଛି । ଏହିପରି ସମାଜମଙ୍ଗଳ କାର୍ଯ୍ୟରେ ଫାଉଣ୍ଡେସନ ସର୍ବଦା ବ୍ରତୀ ରହିବ ବୋଲି ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି ।

## ନୂମାଲିଗଡ ରିଫାଇନାରୀ ବିରୁଦ୍ଧରେ ପୁଣି ତେଜିଲା ଜନ ଆନ୍ଦୋଳନ

ପାରାଦୀପ,(ପି.ଏନ): ଶୁକ୍ରବାର ଦିନ ଷଣ୍ଢକୁଦର ଷଣ୍ଢକୁଦ ନାଗରିକ ବିକାଶ ପରିଷଦ ପକ୍ଷରୁ ନୂମାଲିଗଡ ରିଫାଇନାରୀ ଲିମିଟେଡ୍ (ଏନ୍.ଆର୍.ଏଲ୍.) ବିରୁଦ୍ଧରେ ଏକ ବିରାଟ ଜନ ଆନ୍ଦୋଳନ ଦେଖିବାକୁ ମିଳିଛି । ଦୁଇ ବର୍ଷ ପୂର୍ବେ ଏନ୍.ଆର୍.ଏଲ୍. ତାର ପ୍ରତିଷ୍ଠା ସମୟରେ ଷଣ୍ଢକୁଦ ବସ୍ତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସହିତ ବସ୍ତିର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ଆଦି ବିଭିନ୍ନ ଘୋଷଣା କରିଥିଲା । ହେଲେ ଏହା ମଧ୍ୟରେ ଦୁଇ ବର୍ଷ ବିତିଗଲାଣି । କମ୍ପାନୀ ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କଲାଣି । ହେଲେ କମ୍ପାନୀ ଦେଇଥିବା ତାର ପ୍ରତିଶୃତି ଏବେ ପାଣିର ଗାର ପାଲଟିଯାଇଛି । ଏହାକୁ ବିରୋଧ କରି ଶୁକ୍ରବାର ଦିନ ଷଣ୍ଢକୁଦ ନାଗରିକ ବିକାଶ ପରିଷଦ ପକ୍ଷରୁ ଷଣ୍ଢକୁଦ ବସ୍ତିରୁ ଶହ ଶହ ବସ୍ତି ବାସିନ୍ଦା ଏକାଠି ହୋଇ ଏକ ଶୋଭାଯାତ୍ରାରେ ଆସି ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ଏକ ଦାବୀପତ୍ର ପ୍ରଶାସନକୁ ଦିଆଯାଇଥିଲା । କମ୍ପାନୀ ଯଦି ତାର ପୂର୍ବ ପ୍ରତିଶୃତି ରକ୍ଷା ନକରେ ତେବେ ଆଗାମୀ ଦିନରେ ଏକ ବିରାଟ ଜନ ଆନ୍ଦୋଳନ ହେବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ସମାଜସେବୀ ଦୀପକ କୁମାର ବେହେରା କହିଛନ୍ତି । ଆମ ଘର ପାଖରେ ପ୍ରକଳ୍ପ କରିବ ହେଲେ ଉପକୃତ ଆମେ ହେବୁନି ଅନ୍ୟମାନେ ହେବେ , କମ୍ପାନୀର ଏ ପ୍ରକାରର ମନମାନୀ କୁ ଦୃଢ ବିରୋଧ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି । ସମାନଭାବେ ବୁଧବାର ଦିନ ଷଣ୍ଢକୁଦ ଗ୍ରାମ୍ୟ କମିଟି ପକ୍ଷରୁ କମ୍ପାନୀର ଦୁଇ ଗୋଟି ଫାଟକ ସମ୍ମୁଖରେ ଷଣ୍ଢକୁଦ ଗ୍ରାମ୍ୟ କମିଟି ପକ୍ଷରୁ ସମାନ ଦାବୀରେ ଧାରଣା ଦିଆଯାଇଥିଲା । ଆସନ୍ତା ୫ ତାରିଖ ଦିନ ପ୍ରଶାସନ ସହିତ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

# ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଝୁମ୍ପୁରା,(ପି.ଏନ): ଅଲ ଓଡିଶା ଅଙ୍ଗନବାଡି ଲେଡିଜ୍ ଓ୍ୱାରକର୍ସ ଆସୋସିଏସନ ପକ୍ଷରୁ ଝୁମ୍ପୁରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଦିନ ଠାରୁ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ୮ଦଫା ଦାବୀ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଏହି ଆନ୍ଦୋଳନରେ ଝୁମ୍ପୁରା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧିନରେ ଥିବା ୯ ଗୋଟି ସେକ୍ଟର ର ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ସାମିଲ ହୋଇଛନ୍ତି । ଅଙ୍ଗନବାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା, ଅଙ୍ଗନବାଡି କର୍ମୀଙ୍କୁ ମାସିକ ୧୮ହଜାର ଦରମା ପ୍ରଦାନ କରିବା, ମିନି ଅଙ୍ଗନବାଡି କର୍ମୀମାନଙ୍କୁ ଅଙ୍ଗନବାଡି କର୍ମୀ ଭାବେ ଘୋଷଣା କରିବା, ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରିବା, କାର୍ଯ୍ୟକରୁଥିବା ସମୟରେ ମୃତ୍ୟୁ ହେଲେ ୫ଲକ୍ଷ ସହାୟତା ରାଶି ଓ ପରିବାରର ଜଣଙ୍କୁ ଚାକିରୀରେ ନିଯୁକ୍ତି ଦେବା, ରିଟାୟାର୍ଡମେଂଟ ବେନିଫିଟ୍ ମାସକୁ ୫ହଜାର ଟଙ୍କା ପ୍ରଦାନ କରିବା, ଇପିଏଫ୍, ଇଏସଆଇସି,ପେନସନ୍ ଗ୍ରାଚୁଇଟି ପ୍ରଦାନ କରିବା, ୨୦୧୮ମସିହାରେ ୬ଜଣ ଛଟେଇ ହୋଇଥିବା ଅଙ୍ଗନବାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା ଆଦି ଦାବୀ ତୁରନ୍ତ ପୂରଣ କରିବାକୁ ସଂଘ ପକ୍ଷରୁ ଦାବି କରିଛନ୍ତି । ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହି ବୋଲି ସଂଘର ସଭାନେତ୍ରୀ ସୁରେଖା ମହାନ୍ତ,ସମ୍ପାଦିକା ଚନ୍ଦ୍ରମଣୀ ବାରିକ, ଝୁମ୍ପୁରା ସେକ୍ଟର ଲିଡର ସୁଷମା ପାତ୍ର,ବାଲିବନ୍ଧ ସେକ୍ଟର ଲିଡର ନେତ୍ରମଣୀ ନାଏକ, ଗୁମୁରା ସେକ୍ଟର ଲିଡର ପ୍ରମିଳା ପ୍ରଧାନ, କୁଟୁଗାଁ ସେକ୍ଟର ଲିଡର ଘାଶିଆଣୀ ପଲେଇ, ମଳଦା ସେକ୍ଟର ଲିଡର ଯୋଶଦା ମହାନ୍ତ, ଉଖୁଣ୍ଡା ସେକ୍ଟର ଲିଡର ରଶ୍ମିରାଣୀ ସେଠୀ, ଟୁକୁଡିହା ସେକ୍ଟର ଲିଡର ଉମାମଣୀ ମହାନ୍ତ,ଚଉଠିଆ ସେକ୍ଟର ଲିଡର ଆରତୀ ସେଠୀ ଏବଂ ଅସନପାଟ ସେକ୍ଟର ଲିଡର ଭୂମତୀ ନାଏକ କହିଛନ୍ତି ।

## ଗଠନମୂଳକ ଓ ସକାରାତ୍ମକ ଖବର ପରିବେଶଣରେ ଗଣମାଧ୍ୟମ ବ୍ରତୀ ହେଉ

ପାରାଦୀପ,(ପି.ଏନ): ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛି ଗଣମାଧ୍ୟମ । ଗଣମାଧ୍ୟମର ପ୍ରତିନିଧିମାନେ ଖବର ପ୍ରସାରଣ ସମୟରେ ଗଠନମୂଳକ ଓ ସକାରାତ୍ମକ ଖବର ପରିବେଶଣ କରିବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ଦିନ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଣମାଧ୍ୟମର ପ୍ରତିନିଧିମାନଙ୍କ ନିମନ୍ତେ ଆୟୋଜିତ ଦିନିକିଆ କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । କର୍ମର ଚାପ ମୁକ୍ତ ପାଇଁ ପ୍ରତିଦିନ ଯୋଗ,ପ୍ରାଣାୟମର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ ସଂଗଠନର ଜାତୀୟ ସଂଯୋଜକ ବିକେ ସୁଶାନ୍ତ । ମୁଖ୍ୟ ଅତିଥି ଭାବେ କ୍ୟାପଟେନ୍ ସୁର୍ଯ୍ୟେନ୍ଦୁ ବିକାଶ ପାଣିଗ୍ରାହୀ,ସମ୍ମାନୀତ ଅତିଥି ଭାବେ ସମାଜସେବୀ ସବିତା ମହାପାତ୍ର ଯୋଗ ଦେଇଥିଲେ ।

# ‘ଗୋନାସିକା-କେନ୍ଦୁଝର ମହୋତ୍ସବ’ ଅବସରରେ ପ୍ରକାଶ ପାଇବ ସ୍ମରଣିକା

କେନ୍ଦୁଝର,(ପି.ଏନ): ଆଗାମୀ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଗୋନାସିକା-କେନ୍ଦୁଝର ମହୋତ୍ସବନ୍ତ ଅବସରରେ ଏକ ସ୍ମରଣିକା ପ୍ରକାଶନ କରାଯିବାକୁ ନିଷ୍ପତି ନିଆଯାଇଛି । ଏ ସଂପର୍କରେ ଚଳିତ ନଭେମ୍ବର ୨୪ ତାରିଖରେ ସ୍ମରଣିକା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ନିଷ୍ପତି ଅନୁଯାୟୀ ଉକ୍ତ ସ୍ମରଣିକାରେ ଜିଲ୍ଲାରେ ବିଭିନ୍ନ ବିଭାଗ ତରଫରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ,ଜିଲ୍ଲାର କଳା,ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ଯ୍ୟଟନ କ୍ଷେତ୍ରଉପରେ ପର୍ଯ୍ୟବେସିତ ପ୍ରକାଶନ ଉପଯୋଗୀ ଲେଖାମାନ ପ୍ରକାଶ ପାଇବ । କେନ୍ଦୁଝର ଜିଲ୍ଲାର ଆଗ୍ରହୀ ସାହିତ୍ୟିକ,ବ୍ୟକ୍ତିବିଶେଷ ଡିସେମ୍ବର ୩ ତାରିଖ ସୁଦ୍ଧା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, କେନ୍ଦୁଝରଙ୍କ କାର୍ଯ୍ୟାଳୟ (ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ, କେନ୍ଦୁଝର)ଙ୍କୁ ଲେଖା ପଠାଇ ପାରିବେ । ନିର୍ଦ୍ଧାରିତ ତାରିଖ ପରେ ଲେଖା ଗ୍ରହଣ କରାଯିବ ନାହିଁ । ଲେଖା ସଂକ୍ଷିପ୍ତ ହେବା ଆବଶ୍ୟକ ଏବଂ ଲେଖା ଫୁଲସ୍କେପ ସାଇଜ କାଗଜରେ ଏକ ପାର୍ଶ୍ୱରେ ଡିଟିପି ଟାଇପ / ପଠନ ଉପଯୋଗୀ ହସ୍ତାକ୍ଷରରେ ହୋଇଥିବା ବାଞ୍ଛନୀୟ ।

# କୁତରଙ୍ଗ ପ୍ରାଥମିକ କୃଷିସମବାୟ ସମିତିର ଜମି ସମିତି ନାମରେ ରେକର୍ଡଭୁକ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପ୍ରାଥମିକ କୃଷିସମବାୟ ସମିତି ପରିଚାଳନା କମିଟି ସଭାପତି ପଦ୍ମନାଭ ସାହୁଙ୍କ ନେତୃତ୍ୱରେ ସମିତିର ନିର୍ଦେଶକମାନେ ଶୁକ୍ରବାର ଜିଲ୍ଲାପାଳଙ୍କୁ କୃଷି ସମବାୟ ସମିତିର ଜମିକୁ ସମିତି ନାମରେ ରେକର୍ଡଭୁକ୍ତ କରାଯିବା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଦାବି ହେଉଛି ଯେଉଁ କୃଷି ସମବାୟ ସମିତିର ନିଜସ୍ୱ ଜମି ରହିଛି ସେହି ସବୁ ସମିତିର ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ଆବଶ୍ୟକ ଅନୁଦାନ ପ୍ରଦାନ କରିବା କଥା । କିନ୍ତୁ ତାଙ୍କ କୃଷି ସମବାୟ ସମିତି ନାମରେ ଜମି ନ ଥିବାରୁ ସେମାନେ ସମସ୍ୟାରେ ପଡିଛନ୍ତି । ଫଳରେ ତାଙ୍କ ସମିତି ନିଜସ୍ୱ ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛି । କିନ୍ତୁ ପ୍ରକୃତରେ ତାଙ୍କ ସମିତିର କୁତରଙ୍ଗ ମୌଜାରେ ୨୫୫ନମ୍ବର ଖାତାର ୪୦୩ ନମ୍ବର ପ୍ଲଟ ଉପରେ ଏ୦. ୧୧୦ଡିସିମିଲ ଜମିରେ କୁତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖାଦ୍ୟଶସ୍ୟ ମହଜୁଦ୍ ପାଇଁ ଯେଉଁ ଗ୍ରୀନଗୋଲା ରହିଛି ତାହା ହେଉଛି ତାଙ୍କ ସମବାୟ ସମିତିର ଜମି । କିନ୍ତୁ ସେହି ଖାତା ଓ ପ୍ଲଟରେ ଥିବା ମାତ୍ର ୪ଡିସିମିଲ ଜମିରେ ସମିତି କାର୍ଯ୍ୟାଳୟ ରହିଛି । ପୂର୍ବରୁ ସମବାୟ ସମିତି ଓ ପଞ୍ଚାୟତ ଦୁଇଟି ଯାକ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଅଧିନରେ ରହି ଆସିଥିବାରୁ ବିଗତ ଚକବନ୍ଦି ବେଳେ ସଂପୂର୍ଣ୍ଣ ଜମି ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ନାମରେ ରେକର୍ଡ ଭୁକ୍ତ ହୋଇଯାଇଛି ।

## ପାରାଦୀପ ବନ୍ଦର ଚିକିତ୍ସାଳୟରେ ଆର୍ୟୁବେଦିକ ଚିକିତ୍ସା ନିମନ୍ତେ ଚୁକ୍ତିପତ୍ର ସ୍ୱାକ୍ଷରିତ

ପାରାଦୀପ.(ପି.ଏନ):ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ କଟକର ଶ୍ରୀ ଶ୍ରୀ ଆର୍ୟୁବେଦିକ ବିଜ୍ଞାନ ଓ ଅନୁସନ୍ଧାନ ହସ୍ପିଟାଲ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିପତ୍ର ଶୁକ୍ରବାର ଦିନ ସ୍ୱାକ୍ଷରିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆର୍ୟୁବେଦିକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡା. ବି.ଆର୍.ଶର୍ମା, ଡା. ଡି.ପି.ସାହୁ,ସିଇଓ ଡା.ସନ୍ଧ୍ୟା ଏବଂ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା ଆର୍ଟ ଅଫ ଲିଭିଙ୍ଗର ଯୋଗଶାସ୍ତ୍ରୀ ତାପସ ରଂଜନ ପତିଙ୍କ ସମେତ ବହୁ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ।

# ନବ ବିବାହିତା ମହିଳାର ଅତ୍ମହତ୍ୟା

ଝୁମ୍ପୁରା,(ପି.ଏନ): ଝୁମ୍ପୁରା ଥାନା ଅଧିନସ୍ଥ ବାଲିବନ୍ଧ ପଚଂାୟତର କାଶିପାଳ ଗ୍ରାମରେ ଗୁରୁବା ଦିନ ଜଣେ ନବ ବିବାହିତା ମହିଳା ଫାଶି ଲଗାଇ ଆତ୍ମହତ୍ୟା କରିଛି । ମୃତ ମହିଳା ଜଣକ ବାବେବାରୀ ଥାନା ବେଲଦା ଗ୍ରାମର ପଣ୍ଡିତ ମହାକୁଡଙ୍କ ସ୍ତ୍ରୀ ସ୍ମୃତିବାଳା ମହାକୁଡ (୨୨ବର୍ଷ) ବୋଲି ଜଣାପଡିଛି । ସୂଚନା ମୁତାବକ କେନ୍ଦୁଝର ଟାଉନ ଥାନା ଅଧିନସ୍ଥ ଶିରିଶପାଳ ଗ୍ରାମର ଗଦାଧର ମହାକୁଡଙ୍କ ଝିଅ ସ୍ମୃତିବାଳା ମହାକୁଡ ଙ୍କ ସହିତ ବାମେବାରୀ ଥାନା ଅର୍ନ୍ତଗତ ବେଲଦା ଗ୍ରାମର ଦଶରଥ ମହାକୁଡ ଙ୍କ ପୁଅ ପଣ୍ଡିତ ମହାକୁଡଙ୍କ ଗତ ଜୁଲାଇ ମାସରେ ବୈବାହିକ ରୀତିରେ ବିବାହ ହୋଇଥିଲା । ସ୍ୱାମୀ ସ୍ତ୍ରୀ ବେଲଦା ଗ୍ରାମରେ ରହୁଥିଲେ । ଗତ ବୁଧବାର ଦିନ ସ୍ମୃତିବାଳା ର ବାପ ଘରେ ଏକ ଭୋଜିର ଆୟଜନ ହୋଇଥିବାରୁ ସ୍ୱାମୀ ସ୍ତ୍ରୀ ଦୁହେଁ ଶିରିଶପାଳ ଗ୍ରାମକୁ ଯାଇଥିଲେ । ଭୋଜି ସରିବା ପରେ ସ୍ୱାମୀ ସ୍ତ୍ରୀ ଦୁହେଁ ନିଜ ଗ୍ରାମ ବେଲଦା କୁ ଫେରିଥିଲେ । ଘରେ ଖାଇ ସାରି ସ୍ୱାମୀ ସ୍ତ୍ରୀ ଶୋଇଥିଲେ । ଭୋର ୪ଟା ସମୟରେ ସ୍ତ୍ରୀ ସ୍ମୃତିବାଳା ବିଛଣାରେ ନଥିବା ସ୍ୱାମୀ ପଣ୍ଡିତ ଦେଖିବାକୁ ପାଇଥିଲେ । ପଣ୍ଡିତ ପରିବାର ଲୋକଙ୍କୁ ଘଟଣା ସମ୍ବନ୍ଧରେ ଜଣାଇବା ସହ ସାହି ପଡିଶାରେ ଖୋଜା ଖୋଜି କଲେ । କିଛି ସନ୍ଧାନ ନମିଳିବାରୁ ସ୍ତ୍ରୀ ସ୍ମୃତିବାଳା କୁ ଖୋଜି ଖୋଜି ୨୦ ନମ୍ବର ଜାତିୟ ରାଜପଥ କଟଲପଶି ଛକ ନିକଟ କୁ ପଣ୍ଡିତ ଆସିଥିଲେ । ସେଠାରେ କିଛି ସମୟ ଅପେକ୍ଷା କରିବା ପରେ ସ୍ତ୍ରୀ ସ୍ମୃତିବାଳା ଚାଲି ଚାଲି ଛକ ନିଟରେ ପହଁଚିଥିଲା । ପଣ୍ଡିତ ମହାକୁଡ ସ୍ତ୍ରୀ ସ୍ମୃତିବାଳା କୁ ପାଇ ନିଜ ଘର ବେଲଦା କୁ ଯିବା ପାଇଁ କହିବାରୁ ସ୍ମୃତିବାଳା ମନା କଲା । ଫଳରେ ବୁଝାମଣା କରିବା ପାଇଁ ପଣ୍ଡିତ ମହାକୁଡ ସ୍ତ୍ରୀ ସ୍ମୃତିବାଳା ର ସମ୍ପର୍କିୟା ମାଉସୀ ଶିଳା ମହାକୁଡ କୁ କାଶିପାଳ ଗ୍ରାମ ରୁ କଟଲପଶି ଛକ କୁ ଡାକିଥିଲେ । ମାଉସୀ ଶିଳା ମହାକୁଡ ସ୍ମୃତିବାଳା କୁ ବୁଝାଇ ସୁଜାଇ ନିଜ ଘର କାଶିପାଳକୁ ନେଇଥିଲେ । ଘରେ କିଛି ଆଲୋଚନା ହେବା ପରେ ସ୍ମୃତିବାଳା କହିଲା ମୋତେ କିଛି ସମୟ ଏକୁଟିଆ ବସିବା ପାଇଁ ଦିଅ । ଏହାପରେ ମାଉସୀ ଶିଳା ନିକଟ ଦୋକାନ ରୁ କିଛି ଜିନିଷ ଆଣିବା ପାଇଁ ଚାଲିଯାଇଥିଲେ । ସ୍ୱାମୀ ପଣ୍ଡିତ ମଧ୍ୟ ଘରୁ ବାହାର କୁ ବାହାରି ଯାଇଥିଲେ । ଏହାର ସୁଯୋଗ ନେଇ ସ୍ମୃତୀବାଳା ନିଜ ଓଢଣିରେ ଫାଶୀ ଦେଇ ଘରର ସଙ୍ଗାରେ ଝୁଲିପଡିଥିଲା । ସ୍ମୃତିବାଳାର ଶବ୍ଦ ଶୁଣି ଘର ବାହାରେ ଥିବା ସ୍ୱାମୀ ପଣ୍ଡିତ ଦୌଡି ଆସିଥିଲା । ଦେଖିଲା ବେଳକୁ ସ୍ମୃତୀବାଳା ଝୁଲନ୍ତା ଅବସ୍ଥାରେ ଅଛି । ପଣ୍ଡିତ ପାଟି କରି ମାଉସୀ କୁ ଡାକିବା ସହିତ ପଡିଶା ଲୋକଙ୍କୁ ଡାକି ଉଦ୍ଧାର କରିଥିଲେ । ସେତେବେଳ କୁ ସ୍ମୃତିବାଳା ର ପ୍ରାଣବାୟୁ ଉଡିଯାଇଥିଲା । ସ୍ମୃତିବାଳାର ବାପା ଗଦାରଧର ଝୁମ୍ପୁରା ପୁଲିସ କୁ ଜଣାଇବା ପରେ ଘଟଣାସ୍ଥଳରେ ପୁଲିସ ପହଁଚିଥିଲେ । ମାଜିଷ୍ଟ୍ରେଟ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସେନସିଆ ତୀର୍କି ଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝରଗଡ ମୁଖ୍ୟ ଡାକ୍ତରଖାନା କୁ ପଠାଯାଇଥିଲା ।

# ଇଷ୍ଟ୍ ଇଣ୍ଡିଆ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ, ବିନା ସୁରକ୍ଷା ସାମଗ୍ରୀରେ କାର୍ଯ୍ୟରତ ଶ୍ରମିକ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ସ୍ଥିତ ବ୍ୟାରେଜ ନିକଟରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୨୪ଘଣ୍ଟିଆ ପାନୀୟ ଜଳ ପ୍ରକଳ୍ପ ପାଇଲଟ୍ ପ୍ରୋଜେକ୍ଟ ଇଷ୍ଟ୍ ଇଣ୍ଡିଆ ଠିକା ସଂସ୍ଥା କାର୍ଯ୍ୟ କରୁଥିବା ବେଳେ ସେଠାରେ କାର୍ଯ୍ୟରତ ଶ୍ରମିକମାନେ ବିନା ହେଲ୍‌ମେଟ୍, ବିନା ସେଫ୍ଟି ବେଲ୍ଟରେ ୫୦ଫୁଟ ଉଚ୍ଚରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ବିଡମ୍ବନାର ବିଷୟ ଏହି ପ୍ରକଳ୍ପ ୮୨ କୋଟି ଟଙ୍କା ବ୍ୟୟବରାଦରେ ହୋଇଥିବା ବେଳେ ଶ୍ରମିକ ମାନଙ୍କୁ ବିନା ସୁରକ୍ଷା ସାମଗ୍ରୀରେ କିପରି କାର୍ଯ୍ୟ କରାଉଛି ତାହା ଆଶ୍ଚର୍ଯ୍ୟ ଚକିତ କରିଛି । ଏହି ଠିକା ସଂସ୍ଥା ନିଜେ କାମ ନକରି ପେଟି କଣ୍ଟ୍ରାକ୍ଟର ମାଧ୍ୟମରେ କାର୍ଯ୍ୟ କରି ଶ୍ରମିକ ମାନଙ୍କ ଜୀବନ ସହ ଖେଳ ଖେଳୁଛି । ଯଦି କୌଣସି ଶ୍ରମିକର କୌଣସି ଅଘଟଣ ଘଟେ ତେବେ ସେଥିପାଇଁ କିଏ ଦାୟୀ ରହିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ଠିକା ସଂସ୍ଥା ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରକଳ୍ପ କାର୍ଯ୍ୟର ଟେଣ୍ଡର ନିଜ ନାମରେ ଥିବାବେଳେ ଉକ୍ତ ପ୍ରକଳ୍ପ କାର୍ଯ୍ୟରେ ଏବେ ଢଳାଇ କାର୍ଯ୍ୟ ଜୋରଦାର ଚାଲିଛି । କିନ୍ତୁ କାର୍ଯ୍ୟକୁ ତଦାରଖ କରିବାକୁ କମ୍ପାନୀର କୌଣସି କର୍ତ୍ତୃପକ୍ଷ କିମ୍ବା କୌଣସି ଇଜିନିୟରଙ୍କୁ ଦେଖିବାକୁ ମିଳୁନାହିଁ । ଜେଣେତେଣେ ପ୍ରକାରେ କାର୍ଯ୍ୟ ଚାଲୁ ରହିଛି । ଅନଭିଜ୍ଞତା ପେଟି କଣ୍ଟ୍ରାକ୍ଟର ଦ୍ୱାରା ଅତି ନିମ୍ନମାନର କାର୍ଯ୍ୟ ଚାଲୁଥିବା ଗଣମାଧ୍ୟମ ନଜରକୁ ଆସିଛି । ନିମ୍ନମାନର କାମ ବିଷୟରେ କଣ୍ଟ୍ରାକ୍ଟରଙ୍କୁ ପଚାରିବାରୁ ମୁଁ ଏହି କାର୍ଯ୍ୟ ଏକା କରୁନାହିଁ ଏହି ପ୍ରକଳ୍ପରେ ବାହାର ରାଜ୍ୟରୁ ୩ଜଣ କଣ୍ଟ୍ରାକ୍ଟର ମିଶି କାର୍ଯ୍ୟ କରୁଛନ୍ତି । ତେଣୁ ମୁଁ କୌଣସି ପ୍ରତିକ୍ରିୟା ଦେଇପାରିବି ନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଉକ୍ତ ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ଡିସ୍‌ପ୍ଲେବୋର୍ଡ ଲଗାଯାଇ ନାହିଁ । ତେଣୁ ଏହା କେତେ ଟଙ୍କାର ପ୍ରକଳ୍ପ, କେବେ ସରିବ ତାର କୌଣସି ସୂଚନା ଜନସାଧାରଣଙ୍କ ପାଖରେ ନାହିଁ । ତେଣୁ କମ୍ପାନୀର ଏପରି ମନମୁଖୀ କାର୍ଯ୍ୟକୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ୧୬ଗୋଟି ଓ୍ୱାର୍ଡରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ରାସ୍ତାକୁ ଖୋଳି ପାଇପ୍ ପକା ଯାଉଥିଲେ ମଧ୍ୟ ଉକ୍ତ ଖାଲକୁ କଂକ୍ରିଟ୍ ନକରି ମାସ ମାସ ଧରି ରାସ୍ତାକୁ ସେହିପରି ଅବସ୍ଥାରେ ପକାଇ ରଖିଛନ୍ତି । ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିବା ବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଜିଲ୍ଲା ପ୍ରଶାସନ ଏବଂ ଆନନ୍ଦପୁର ଉପଜିଲ୍ଲାପାଳ ଉକ୍ତ କାର୍ଯ୍ୟକୁ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray